## ବାଲିଶଙ୍କରା ଅଞ୍ଚଳକୁ ସରପଞ୍ଚଙ୍କ ଶଟ୍‌ଡାଉନ ଘୋଷଣା

ବାଲିଶଙ୍କରା,(ଡି.ଏନ.ଏ): ଶନିବାରଠାରୁ ୭ ଦିନ ପାଇଁ ବାଲିଶଙ୍କରା ସରପଞ୍ଚ ବାଲିଶଙ୍କରା ଅଞ୍ଚଳକୁ ସଟ୍‌ଡାଉନ ଘୋଷଣା କରିଛନ୍ତି। ଉକ୍ତ ଅଞ୍ଚଳରେ କରୋନା ମହାମାରୀ ଦ୍ରୁତ ଗତିରେ ସଂକ୍ରମଣ କରୁଥିବାରୁ ଏହି ଅଞ୍ଚଳକୁ ସଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତେଲିଯୋର ରାଜସ୍ୱ ଗ୍ରାମକୁ ବର୍ତ୍ତମାନ ସରକାରଙ୍କ ଦ୍ୱାରା ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ଏଣୁ ସର୍ବସାଧାରଣଙ୍କ ସୁରକ୍ଷା ନିମନ୍ତେ ଶୃଙ୍ଖଳା, ସତର୍କତା ଏକାନ୍ତ ଆବଶ୍ୟକ ବୋଲି ସରପଞ୍ଚ ଦୀନବନ୍ଧୁ ସାଏ କହିଛନ୍ତି। ତେଣୁ ଅଞ୍ଚଳକୁ ସଟ୍‌ଡାଉନ ଘୋଷଣା କରିଛନ୍ତି। ଆବଶ୍ୟକୀୟ ଗ୍ରୋସରୀ ଦୋକାନ ଓ ରାସନ ଦୋକାନ ସକାଳ ୭ଟାରୁ ୧୧ ଟା ପର୍ଯ୍ୟନ୍ତ ଖୋଲା ରହିବ ଏବଂ ଅନ୍ୟ ଦୋକାନ ବଜାରଗୁଡିକ ବନ୍ଦ ରହିବ।

**ସଂକ୍ଷେପରେ**

## ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ମହିଳାଙ୍କ ମୃତ୍ୟୁ

**ଲହୁଣୀପଡା, ୧୭।୪ (ଡି.ଏନ.ଏ):** ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଲଙ୍ଗଲକଟା ଗ୍ରାମରେ ଜଣେ ବିବାହିତା ମହିଳାଙ୍କର ଝାଡାବାନ୍ତିରେ ମୃତ୍ୟୁଘଟିଛି। ଲଙ୍ଗଲକଟା ଗ୍ରାମର ଦେବରଙ୍ଗୀ ସିଂ (୨୩) ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁତର ହୋଇଥିଲେ। ଶୁକ୍ରବାର ସକାଳେ ତାଙ୍କ ସ୍ୱାମୀ ଓ ସମ୍ପର୍କୀୟ ମିଶି ଆମ୍ବୁଲାନ୍ସ ଯୋଗେ ଲହୁଣୀପଡା ଚିକିତ୍ସାଳୟକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ ମହିଳାଙ୍କ ବାପ ଘର ଝାଡ଼ଖଣ୍ଡର ରାଇକେଲା ଗ୍ରାମର ସମ୍ପର୍କିୟଙ୍କୁ ସୂଚନା ଦିଆଯାଇଥିଲା। ସମ୍ପର୍କୀୟମାନେ କେ.ବଲାଙ୍ଗ ଥାନାରେ ଆସି ରିପୋର୍ଟ କରିଥିଲେ। କେ.ବଲାଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରିଥିଲେ। ଲହୁଣୀପଡାର ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ପ୍ରିୟଦର୍ଶି ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଅଣାୟତ୍ତ ହେଉଛି କରୋନା ସଂକ୍ରମଣ

- ୨୪ଘଣ୍ଟାରେ ପୁଣି ୫୨୩ ପଜିଟିଭ ଚିହ୍ନଟ
- ସୁନ୍ଦରଗଡ଼ ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ୍

**ସୁନ୍ଦରଗଡ଼, ୧୭।୪ (ଡି.ଏନ୍.ଏ)**

ଛତିଶଗଡ଼ –ଝାଡ଼ଖଣ୍ଡ ସୀମାରେ ଥିବା ସୁନ୍ଦରଗଡ଼ ଜିଲାରେ କରୋନାର ଦ୍ୱିତୀୟ ଲହର କାୟାବିସ୍ତାର କରିବାରେ ଲାଗିଛି। ପ୍ରତିଦିନ ସଂକ୍ରମଣ ସଂଖ୍ୟା ବୃଦ୍ଧିପାଇ ଚାଲିଥିବା ବେଳେ ଗତ କିଛିଦିନ ହେବ ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ୩ଅଙ୍କରୁ ତଳକୁ ଖସିବାର ନାଆଁ ଧରୁ ନାହିଁ। ଗତ ୨୪ଘଣ୍ଟା ମଧ୍ୟରେ ପୁଣି ଜିଲାରେ ୫୨୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଛତିଶଗଡ଼ ସୀମାରେ ଥିବା ସୁନ୍ଦରଗଡ଼ ସମେତ ୧୦ଟି ଜିଲାରେ ଶନିବାର, ରବିବାର ସପ୍ତାହନ୍ତ ସଟଡାଉନ୍ ସହ ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ କଡାକଡି ଭାବେ ଆରମ୍ଭ ହୋଇଛି। ଶନିବାର ସଟଡାଉନ୍ ଯୋଗୁ ଜିଲା ସଦର ମହକୁମା ସୁନ୍ଦରଗଡ ସମେତ ରାଉରକେଲା, ରାଜଗାଙ୍ଗପୁର, ବଣାଇ ଆଦି ଅଞ୍ଚଳରେ କେତେକ ଜରୁରୀ ସେବା ବ୍ୟତୀତ ଦୋକାନ ବଜାର ଓ ଗାଡି ଚଳାଚଳ ବନ୍ଦ ରହିଥିଲା। ବିଭିନ୍ନ ସ୍ଥାନରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ପକ୍ଷରୁ କଡା ଯାଞ୍ଚ କରାଯାଇଥିଲା। ଯିଏ ବି ପଦାକୁ ବାହାରିଥିଲା ସେ ନେଇ ପୋଲିସ ପଚରାଉଚରା କରି କଡାତାଗିଦ କରି ଛାଡୁଥିବା ଦେଖାଯାଇଥିଲା। ଅନ୍ୟପଟେ ଜିଲାରେ ଗତ ୨୪ଘଣ୍ଟା ମଧ୍ୟରେ ଚିହ୍ନଟ ହୋଇଥିବା ୫୨୩ କରୋନା ପଜିଟିଭ ମଧ୍ୟରେ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ସର୍ବାଧିକ ୩୨୩ ଜଣ ରହିଛନ୍ତି। ସେହିପରି ସୁନ୍ଦରଗଡ ପୌରାଞ୍ଚଳରେ ୭୧, ସୁନ୍ଦରଗଡ ସଦର ବ୍ଲକରେ ୧୬, ରାଜଗାଙ୍ଗପୁର ବ୍ଲକରେ ୧୫, ସବଡେଗା ବ୍ଲକରେ ୧୪, ବାଲିଶଙ୍କରା ବ୍ଲକରେ ୧୩, ନୂଆଁଗାଁ ବ୍ଲକରେ ୧୧, ଲେଫ୍ରିପଡା ବ୍ଲକରେ ୧୧, ହେମଗିରରେ ୯, ବିଶ୍ରାରେ ୮, ବଡଗାଁରେ ୮, କୁଆଁରମୁଣ୍ଡାରେ ୫, ଲାଠିକଟାରେ ୮, ଟାଙ୍ଗରପାଲିରେ ୫, କୁତ୍ରାରେ ୨, ଲହୁଣୀପଡାରେ ୨, କୋଇଡା ଓ ବଣାଇରେ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରିଜିଲାରେକରୋନାମୃତ୍ୟୁସଂଖ୍ୟା ସମ୍ପର୍କରେ ସରକାରୀ ଭାବେ କୌଣସି ସୂଚନା ଦିଆଯାଉ ନ ଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।



ଶଟ୍‌ଡାଉନ ଯୋଗୁ ସୁନ୍ଦରଗଡ଼ ସହର ଶୁନଶାନ।

# ୪୫ କୁଇଣ୍ଟାଲ ମହୁଲ ଜବତ: ୨ ଗିରଫ



ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଉଛି।

**ଦେବଗଡ଼,୧୭।୪(ଡି.ଏନ୍.ଏ.)**

ଦେବଗଡ଼ ଜିଲାରେ ବେଆଇନ ତଥା ବିନା ଲାଇସେନ୍ସରେ ମହୁଲ କାରବାର ହେଉଥିବା ନେଇ ଅଭିଯୋଗ ହେବା ପରେ ଦେବଗଡ଼ ଜିଲା ଅବକାରୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ବାରକୋଟ ବ୍ଲକ ଅନ୍ତର୍ଗତ ବାଲିପଶି(କଣ୍ଢେଲ) ଓ ରିଆମାଳ ବ୍ଲକ ଅନ୍ତର୍ଗତ ମହାସିନ୍ଧୁ ଗ୍ରାମରେ ଚଢାଉ କରାଯାଇ ୪୫ କୁଇଣ୍ଟାଲ ବେଆଇନ ମହୁଲ ଫୁଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛ। ସେହିପରି ଗତ ୧୫ ତାରିଖ ଅବକାରୀ ବିଭାଗ ଦ୍ୱାରା ୬୦ କୁଇଣ୍ଟାଲ ମହୁଲ ସହ ୨ଟି ପିକ୍‌ଅପ୍ ଭ୍ୟାନକୁ ଜବତ କରାଯାଇଥିଲା। ଏହା ସହ ୩ଜଣଙ୍କୁ ଗିରଫ କରାଯାଇଥିଲା। ବାଲିପଶି(କଣ୍ଢେଲ) ଓ ମହାସିନ୍ଧୁ ଗ୍ରାମର ୨ଜଣ ବ୍ୟବସାୟୀ ବିନା ଲାଇସେନ୍ସରେ ତଥା ବେଆଇନ ଭାବେ ନିଜ ଘରେ ବିପୁଳ ପରିମାଣର ମହୁଲ ଗଚ୍ଛିତ ରଖିଥିବା କୌଣସି ସୂତ୍ରରୁ ସୂଚନା ପାଇ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ସେଠାରେ ଚଢାଉ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କ୍ରମେ ଦେବଗଡ଼ ଅବକାରୀ ବିଭାଗ ଅଧୀକ୍ଷକ ଅଜିତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅବକାରୀ ଇନ୍ସପେକ୍ଟର ପଦ୍ମଲୋଚନ ପ୍ରଧାନ ସଦଳବଳେ ବାଲିପଶି ଗ୍ରାମର ହିମାଦ୍ରୀ ସାହୁ(୫୨)ଙ୍କ ଘରେ ଚଢାଉ କରି ଘରେ ଥିବା ୨୪.୭୫ କୁଇଣ୍ଟାଲ ମହୁଲ ଫୁଲ ଜବତ କରିବା ସହ ହିମାଦ୍ରୀଙ୍କୁ ଗିରଫ କରିଥିଲେ। ସେହିପରି ରିଆମାଳ ଥାନା ଅନ୍ତର୍ଗତ ମହାସିନ୍ଧୁ ଗ୍ରାମର ଗୁରୁଚରଣ ପ୍ରଧାନ(୫୧)ଙ୍କ ଘରେ ଚଢାଉ କରି ୨୦.୪ କୁଇଣ୍ଟାଲ ବେଆଇନ ମହୁଲ ଫୁଲ ଜବତ କରିବା ସହ ଗୁରୁଚରଣଙ୍କୁ ଗିରଫ କରିଥିବା ଜଣାପଡିଛି । ଏହି ଚଢାଉରେ ଅବକାରୀ ଇନ୍ସପେକ୍ଟର ପ୍ରଦ୍ୟୁମ୍ନ ସାହୁ, ସିଦ୍ଧେଶ୍ୱର ନାୟକ ଓ ଏଏସ୍‌ଆଇ ପଦ୍ମାଳୟା ମୁଣ୍ଡା ଅଂଶଗ୍ରହଣ କରିଥିଲେ।

# କରୋନା ମୁକାବିଲା ନେଇ ଭାଜପା ପକ୍ଷରୁ ସ୍ମାରକପତ୍ର

**ସୁନ୍ଦରଗଡ଼, ୧୭।୪ (ଡି.ଏନ.ଏ)**

କରୋନାର ଦ୍ୱିତୀୟ ଲହରରେ ଛତିଶଗଡ ସୀମାବର୍ତ୍ତୀ ସୁନ୍ଦରଗଡ ଜିଲା ବେଶୀ ପ୍ରଭାବିତ ହୋଇଛି। ଏହି ଜିଲାରେ ପ୍ରତିଦିନ କରୋନା ସଂକ୍ରମଣ ସଂଖ୍ୟା ଉଦବେଗଜନକ ଭାବେ ବୃଦ୍ଧି ପାଉଥିବା ନେଇ ସାଧାରଣ ଜନତା ଆତଙ୍କିତ ହୋଇ ପଡିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସପ୍ତାହନ୍ତ ସଟଡାଉନ ଓ ରାତ୍ରିକାଳୀନ କର୍ଫ୍ୟୁ ଆରମ୍ଭ କରାଯାଇଛି। ସୁନ୍ଦରଗଡ ଭାଜପା ସାଙ୍ଗଠନିକ ଜିଲା ପକ୍ଷରୁ ଏଭଳି ସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ ପାଇଁ ଦାବି କରାଯାଇଛି। ଭାଜପା ଜିଲା ସାଧାରଣ ସମ୍ପାଦକ ଯଶୋବନ୍ତ ନାଏକ ଓ ପୂର୍ବତନ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀ, ଜିଲାପାଳ ଓ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଜାନୁୟାରୀ ୨୦୨୧ରୁ ମାର୍ଚ୍ଚ ୨୧ ମଧ୍ୟରେ କରୋନାର ପ୍ରତିଷେଧକ ବ୍ୟବସ୍ଥା ଓ ଆଣ୍ଟିଜେନ୍ ଟେଷ୍ଟକୁ ବନ୍ଦ କରି ଦିଆଯିବା ଫଳରେ ବର୍ତ୍ତମାନ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଅନ୍ୟ ଏକ କାରଣ। ଏଣୁ ଅତିଶିଘ୍ର ଘରକୁ ଘର ଯାଇ ସମସ୍ତ ଥଣ୍ଡା, ଜ୍ୱର, ତରଳ ଝାଡା ଆକ୍ରାନ୍ତ ଶିଶୁଙ୍କ ସମେତ ସମସ୍ତଙ୍କର ଆରଟିପିସିଆର ଯାଞ୍ଚ କରାଯାଇ ସେମାନଙ୍କର ଟ୍ରେସିଂ ଓ ଆଇସୋଲେସନ ପାଇଁ କଡା ପଦକ୍ଷେପ ଗ୍ରହଣ, ପୌରପାଳିକାର ସମସ୍ତ ତଳିବସ୍ତି ଅଞ୍ଚଳଗୁଡିକରେ ବାହାରୁ ଆସୁଥିବା ଶ୍ରମିକଙ୍କର ଚିହ୍ନଟ କରାଯାଇ ସମସ୍ତ ତଥ୍ୟ ସଂଗ୍ରହ ସହ ୭ଦିନ ବ୍ୟବଧାନରେ ସେମାନଙ୍କର ସ୍ୱାବ ପରୀକ୍ଷା କରାଯିବା , କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ୨୦୨୪ ବର୍ଷ ପର୍ଯ୍ୟନ୍ତ କୋଭିଡ ନିୟମକୁ ଅନୁପାଳନ କରାଯାଇ କାର୍ଯ୍ୟ କରାଯିବା, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଜିଲାପାଇଁ ସର୍ବୋତ୍ତମ ପଦକ୍ଷେପ ନେବା ପାଇଁ ଜିଲାପାଳମାନଙ୍କୁ କ୍ଷମତା ପ୍ରଦାନ ଦିଆଯାଇଥିବାରୁ ବର୍ଷବ୍ୟାପୀ କରୋନା ଯୋଦ୍ଧା ଭାବେ କାମ କରି ଛଟେଇ ହୋଇଥିବା ସ୍ୱାସ୍ଥ୍ୟ କର୍ମୀଙ୍କୁ ପୁନଃନିଯୁକ୍ତି, ବ୍ଲକ ଓ ଗ୍ରାମାଞ୍ଚଳରେ ଯେମିତି ବୃଦ୍ଧା, ବୃଦ୍ଧ ଓ ଭିନ୍ନକ୍ଷମମାନଙ୍କ ଘରକୁ ଘର ଯାଇ ଯେଭଳି ଟିକାକରଣ କରାଯାଉଛି ସେଭଳି ପୌରାଞ୍ଚଳରେ ମଧ୍ୟ ଏହି କାର୍ଯ୍ୟ କରାଯାଉ। ପ୍ରତ୍ୟେକ ବସ୍ତି ଅଞ୍ଚଳରେ ସାବୁନ୍ ଓ ମାସ୍କ ସହ ଭିଟାମିନ ସି ବଣ୍ଟନ, ଗାଡି ଚେକିଂ ବେଳେ ଅଧିକ ଫାଇନ୍ କରା ନ ଯାଇ ମାସ୍କ ବଣ୍ଟନ କରାଯିବା, ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ମଲ୍ ଗୁଡିକୁ ବାରମ୍ବାର ସାନିଟାଇଜ କରାଯାଉ। ସାମାଜିକ ଦୂରତାର ବ୍ୟବସ୍ଥାକୁ କଡାକଡି ତଦାରଖ କରାଯାଉ, ପୌରାଞ୍ଚଳର ବିଭିନ୍ନ ନାଳିନର୍ଦ୍ଦମାଗୁଡିକର ନିୟମିତ ସଫେଇ ଓ ବିଶୋଧନ କରାଯିବା, ପୌରନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀମାନେ ବିଭିନ୍ନ ସମୟରେ ସରକାରୀ କାର୍ଯ୍ୟଆଳରେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବାରୁ ଲୋକେ ଯେଭଳି ହଇରାଣ ନ ହେବେ ସେ ଦିଗରେ ପଦକ୍ଷେପ ଗ୍ରହଣ ଓ ସ୍ଥାନୀୟ ଶ୍ରମିକ ଓ ଖଟିଖିଆମାନଙ୍କ ଜୀବନଜୀବିକାକୁ ଗୁରୁତ୍ୱ ଦେଇ ବିଭିନ୍ନ କାର୍ଯ୍ୟ କରାଯିବାକୁ ଦାବି କରାଯାଇଛି।



ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ଭାଜପା ପ୍ରତିନିଧି ମଣ୍ଡଳୀ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ନାଳରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

**ରାଜଗାଙ୍ଗପୁର, ୧୭।୪ (ଡି.ଏନ.ଏ.)**

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ପୋଡସିଂ ଗ୍ରାମ ଦେଇ ଯାଇଥିବା ଏକ ନାଳରେ ଶନିବାର ବୁଡ଼ିଯାଇ ଜାଗୃତି କେରକେଟା (୧୪) ନାମ୍ନୀ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ପୂର୍ବାହ୍ନ ୧୦ଟାରେ ବୁଆସ କେରକେଟାଙ୍କ ଝିଅ ଜାଗୃତି ସାଙ୍ଗମାନଙ୍କ ସହିତ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ସେ ଗଭୀର ପାଣିକୁ ଯାଇ ବୁଡ଼ିଯାଇଥିଲେ। ଏହା ଦେଖି ତାର ସାଙ୍ଗ ଓ ଗାଧୋଉଥିବା ଅନ୍ୟ ସ୍ତ୍ରୀ ଲୋକମାନେ ପାଟି କରିଥିଲେ। ପାଟି ଶୁଣି କିଛି ଯୁବକ ଦୌଡି ଆସି ଜାଗୃତିଙ୍କୁ ପାଣିରୁ ଉଦ୍ଧାର କରି ତୁରନ୍ତ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ରାଜଗାଙ୍ଗପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

# ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ



ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ଦେବଗଡ,୧୭।୪(ଡି.ଏନ୍.ଏ.)**

ସ୍ଥାନୀୟ ଲାଲୁସାହିସ୍ଥିତ ଦେବଗଡ଼ ଜିଲା ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ଶନିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଶ୍ରାଦ୍ଧ ସଭାରେ ଦେବଗଡ଼ ନଗର ବିଜେଡ଼ି ସଭାପତି ଶୁକଦେବ ଭଞ୍ଜ, ଜିଲା କୃଷକ ବିଜେଡ଼ି ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ, ବିଜେଡ଼ି ରାଜ୍ୟ ପରିଷଦ ସଦସ୍ୟ ଇଂ.ସୁଜିତ କୁମାର ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ଇଂ.ବିଷ୍ଣୁ ପ୍ରସାଦ ଅମାତ୍ୟ ଓ ଅହିଂସା ନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ପରେ ପ୍ରଧାନପାଟସ୍ଥିତ ଶିଶୁ ଉଦ୍ୟାନ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀ ଓ ଆଟେଣ୍ଡାଣ୍ଟମାନଙ୍କୁ ଦଳ ପକ୍ଷରୁ ଫଳ ବଣ୍ଟନ କରାଯାଇଥିଲା।

# ଲୋକେ ଅମାନିଆ ଭାବେ ବୁଲିଲେ

**କୁଆଁରମୁଣ୍ଡା ଓ ବୀରମିତ୍ରପୁରରେ ଶଟଡାଉନ୍**

**କୁଆଁରମୁଣ୍ଡା,୧୭।୪(ଡି.ଏନ.ଏ)**

ସମ୍ପ୍ରତି କରୋନା ବୃଦ୍ଧିରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ପଶ୍ଚିମ ଓଡିଶାର ୧୦ଟି ଜିଲାରେ ସପ୍ତାହନ୍ତ ୪୮ ଘଣ୍ଟିଆ ଶଟଡାଉନ୍ ଓ ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଆରମ୍ଭ କରିଛନ୍ତି। ଏହି କ୍ରମରେ ଶନିବାର ଠାରୁ ରବିବାର ପର୍ଯ୍ୟନ୍ତ ୪୮ ଘଣ୍ଟିଆ ଶଟଡାଉନ୍ ଆରମ୍ଭ ହୋଇଯାଇଛି। ଶନିବାର ଶଟ୍‌ଡାଉନ୍ ସମୟରେ କୁଆଁରମୁଣ୍ଡା ବଜାରରେ ଥିବା ସମସ୍ତ ଦୋକାନ ବନ୍ଦ ରହିଥିଲା। ହେଲେ ଗଳିକନ୍ଦିରେ ଥିବା କେତେକ ଅମାନିଆ ଦୋକାନୀ ଏହାକୁ ନ ମାନି ସାରା ଦିନ ଦୋକାନ ଖୋଲା ରଖିଥିବା ଜଣାପଡ଼ିଛି। ଅନ୍ୟ ପକ୍ଷରେ କେବଳ ମେଡିସିନ ଓ କ୍ଷୀର ଦୋକାନ ଖୋଲା ରହିଥିଲା। ହେଲେ ଅପରାହ୍ନ ସମୟରେ ୧୪୩ ନମ୍ବର ଜାତୀୟ ରାଜପଥର ମେନ୍ ମାର୍କେଟରେ ଥିବା କେତେକ ଦୋକାନୀ ଲୁଚାଛପାରେ ଲୋକଙ୍କୁ ସାମଗ୍ରୀ ଦେଉଥିବାର ମଧ୍ୟ ଜଣାପଡ଼ିଛି। ହେଲେ ଏହି ଶଟ୍‌ଡାଉନ୍ ସମୟରେ ଲୋକମାନେ ରାସ୍ତାଘାଟ, ଆଧୁନିକ ପାର୍କ ସମ୍ମୁଖରେ ବିନା କାରଣରେ ବୁଲାବୁଲି କରୁଥିବାରୁ ପରିଲକ୍ଷିତ ହୋଇଛି। ଅନୁରୂପଭାବେ ବୀରମିତ୍ରପୁର ସହରରେ କେବଳ ଦୋକାନ, ବଜାର ବନ୍ଦ ରହିଥିବା ବେଳେ ଅମାନିଆ ଲୋକେ ରାସ୍ତାଘାଟରେ ବିନା କାରଣରେ ବୁଲାବୁଲି କରୁଥିବା ପରିଲକ୍ଷିତ ହୋଇଛି ।ଏଥିପ୍ରତି ପୋଲିସ୍ ତୀକ୍ଷ୍ଣ ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଚେତନ ନାଗରିକମାନେ ଦାବି କରିଛନ୍ତି।



ଶନିବାର ଅପରାହ୍ନରେ ୧୪୩ ନମ୍ବର ଜାତୀୟ ରାଜପଥର କୁଆଁରମୁଣ୍ଡା ମେନ୍ ବଜାରରେ ଲୋକେ ଅମାନିଆଭାବେ ଯାତାୟାତ କରୁଛନ୍ତି।

# ବିଜେଡି ପକ୍ଷରୁ ବିଜୁଙ୍କ ଶ୍ରାଦ୍ଧ ଦିବସ ପାଳିତ



ଶ୍ରାଦ୍ଧ ଦିବସରେ ସାମିଲ ହୋଇଥିବା ବିଜେଡି କର୍ମୀ।

**ଲହୁଣୀପଡା, ୧୭।୪ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ବିଜେଡ଼ି ପକ୍ଷରୁ ବିଜୁ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଲଲେଇ ବିଜୁ ଛକଠାରେ ଥିବା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଲଲେଇ ସ୍ଥିତ ରାସ୍ତା ପାର୍ଶ୍ୱ ଅବସ୍ଥାନ କେନ୍ଦ୍ରଠାରେ କରୋନା କଟକଣା ନିୟମ ଅନୁଯାୟୀ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୁ ଶ୍ରମିକ ସାମୁଖ୍ୟ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ସମ୍ମାନିତ ଅତିଥି ଭାବେ ବଣାଇ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଷାନ, ଜିଲା ପରିଷଦ ସଦସ୍ୟ କେଦାର କୁମାର ମାହାନ୍ତ, ଖୁଣ୍ଟଗାଁ ସରପଞ୍ଚ ଅଜୟ କୁମାର ନାଏକ ଏବଂ ବଣାଇ ବ୍ଲକ ବିଜେଡି ସଭାପତି ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ ବିଜୁଙ୍କ ଓ କୋଇଡା ବ୍ଲକ ମାଲଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ବ୍ଲକ ସଭାପତି ନଦିଆ ନାଏକଙ୍କ ଅକାଳ ବିୟୋଗ ଘଟି ଥିବାରୁ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ଯୁବ ଆଇନଜୀବି କର୍ମବୀର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧରେ ଲହୁଣୀପଡା ବ୍ଲକ ସଭାପତି କୁମାର ଗୌତମ ବାରିକ, ରୋହିତାସ୍ୱ ମିଶ୍ର, ସମିତି ସଭ୍ୟା ବିନତି ବେହେରା, ପ୍ରେମଲତା ବେହେରା, ଆଇନଜୀବୀ ପାର୍ଥ ସାରଥି ମିଶ୍ର, ସଞ୍ଜୟ କୁମାର ଦାସ, ସିପୁନ ମିଶ୍ର, ଡିଳେଶ୍ୱର ବେହେରା, ଗୋପାଳ ସାହୁ, ନିଲୁ ବହିଦାର, ବିକ୍ରମ ଏକ୍କା, କାନ୍ଦୁର କିଷାନ, ଝସକେତନ ମାହାନ୍ତ, ରମେଶ ମାଝୀ, ନେତ୍ରାନନ୍ଦ ନାଏକ, ଦୀପକ ଚୌଧୁରୀ, ଅଫଜଲ ଖାଁନ୍, ଟୁକୁ ଜୟସ୍ୱାଲ ସମେତ ବହୁ ବିଜେଡି କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରାଜଗାଙ୍ଗପୁର ପରିବର୍ତ୍ତେ ସଦର ତହସିଲକୁ ଆସିବେ

**ବାଲିଶଙ୍କରାବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ**

**ସୁନ୍ଦରଗଡ଼,୧୭।୪(ଡି.ଏନ୍.ଏ)**

ବାଲିଶଙ୍କରା ବ୍ଲକର ତଳସରା ଏବଂ କିଞ୍ଜିରିକେଲା ଥାନା ଅଧିନରେ ଥିବା ୧୦୭ଟି ଗ୍ରାମର ଲୋକଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଛି। ସେମାନେ ଏବେ ଜମିଜମା ସଂକ୍ରାନ୍ତ କାର୍ଯ୍ୟ ଓ ରେଜିଷ୍ଟ୍ରେସନ ପାଇଁ ୮୦ କି.ମି. ଦୂର ରାଜଗାଙ୍ଗପୁର ତହସିଲକୁ ନ ଯାଇ ସୁନ୍ଦରଗଡ଼ ସଦର ତହସିଲରେ ଏହି କାର୍ଯ୍ୟ କରିପାରିବେ। ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଚଳିତ ମାସ ୧୩ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଉପରୋକ୍ତ ୧୦୭ ଟି ଗ୍ରାମକୁ ସୁନ୍ଦରଗଡ ସଦର ତହସିଲ ଅଧିନକୁ ଅଣାଯାଇଛି। ଗ୍ୟାଜେଟ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ସୁନ୍ଦରଗଡ଼ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ବିଶ୍ୱଜିତ ମହାପାତ୍ର ଶନିବାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ବାଲିଶଙ୍କରା ବ୍ଲକର ୧୦୭ଟି ଗ୍ରାମର ଲୋକମାନେ ଜମିଜମା ସଂକ୍ରାନ୍ତ କାର୍ଯ୍ୟ ପାଇଁ ରାଜଗାଙ୍ଗପୁର ତହସିଲକୁ ଯାଉଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେମାନେ ନିକଟବର୍ତ୍ତୀ ସୁନ୍ଦରଗଡ଼ ସଦର ତହସିଲ ଅଧିନକୁ ଆସିବା ସକାଶେ ୨୦୧୭ ମସିହାରୁ ଦାବି କରି ଆସୁଥିଲେ। ଜିଲା ପ୍ରଶାସନ ସେମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ରାଜ୍ୟ ରାଜସ୍ୱ ବିଭାଗକୁ ଏ ସମ୍ପର୍କରେ ଚିଠି ଲେଖିଥିଲେ। ରାଜସ୍ୱ ବିଭାଗ ସେହି ଦାବିକୁ ବିଚାରକୁ ନେଇ ଉକ୍ତ ୧୦୭ ଗ୍ରାମକୁ ସୁନ୍ଦରଗଡ ରେଜିଷ୍ଟ୍ରେସନ ସବ୍ ଡିଷ୍ଟ୍ରିକ୍ଟ ଅଧିନକୁ ଆଣିଛନ୍ତି। ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଜିଲା ପ୍ରଶାସନ ଏ ସମ୍ପର୍କୀତ ଗେଜେଟ ବିଜ୍ଞପ୍ତିକୁ ଅପେକ୍ଷା କରିଛନ୍ତି।







ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ଶନିବାର ଉଦିତନଗର ପରେଡ ପଡ଼ିଆରେ ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଥାନା ଅଧିକାରୀଙ୍କୁ ଡକାଇ କଡାକଡି ଯାଞ୍ଚ ଉପରେ ପରାମର୍ଶ ଦେଉଛନ୍ତି(ବାମ)। ଶଟ୍‌ଡାଉନ ଯୋଗୁ ରାଉରକେଲା ସହର ଶୁନଶାନ(ମଝି)। ସୁନ୍ଦରଗଡ଼ ଜିଲା କୁତ୍ରା ବଜାର ବନ୍ଦ ରହିଛି।

## ହରିଣ ମୃତଦେହ ଜବତ

ନାକଟିଦେଉଳ,(ଡି.ଏନ.ଏ.): ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ମୁଷାକାନୀ ଗ୍ରାମରୁ ଶନିବାର ଏକ ହରିଣର ମୃତଦେହ ଜବତ ହୋଇଛି। ସକାଳେ ଗାଁ ଲୋକେ ରକ୍ତାକ୍ତ ଅବସ୍ଥାରେ ହରିଣ ମରିପଡ଼ିଥିବା ଦେଖି ନାକଟିଦେଉଳ ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ଓ ଅନ୍ୟ କର୍ମଚାରୀ ପହଞ୍ଚି ହରିଣର ମୃତଦେହ ଜବତ କରି ସ୍ଥାନୀୟ ପ୍ରାଣୀଧନ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିଲେ। ମୃତ ହରିଣ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ କେହି ଏହାକୁ ଶିକାର କରିଥିବା ଆଶଙ୍କା କରାଯାଉଛି। ଏହାର ବୟସ ୪ରୁ ୫ବର୍ଷ ମଧ୍ୟରେ ହେବ ଓ ବ୍ୟବଚ୍ଛେଦ ପରେ ଏହାକୁ ପୋତିଦିଆଯାଇଛି ବୋଲି ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଖାଦ୍ୟ ଅନ୍ୱେଷଣରେ ହରିଣଟି ଜଙ୍ଗଲରୁ ଗାଁ ଭିତରକୁ ଚାଲିଆସିଥିବା ବେଳେ କେହି ଏହାକୁ ଶିକାର କରିଥିବା କୁହାଯାଉଛି।

### ସଂକ୍ଷେପରେ

## ଦୁଇ ଛାତ୍ରୀଙ୍କୁ ଦୁର୍ବ୍ୟବହାର, ଶିକ୍ଷକ ଗିରଫ

**କୁଆଁରମୁଣ୍ଡା, ୧୭।୪(ଡି.ଏନ୍.ଏ):** ଟିଉସନ ପଢାଇବା ବେଳେ ନାବାଳିକା ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର ଭଳି ନିନ୍ଦନୀୟ ଘଟଣା ଘଟିଛି ବୀରମିତ୍ରପୁର ଥାନା ଅଞ୍ଚଳରେ। ଏହି ଥାନା ଅଞ୍ଚଳର କୁମଝରିଆ ପଞ୍ଚାୟତର ଲାସେଠାରେ ରହୁଥିବା ଜଣେ ଶିକ୍ଷକ ଶୁକ୍ରବାର ନିଜ ଘରେ ଟିଉସନ ପଢାଉଥିଲା ବେଳେ ୨ଜଣ ୩ୟ ଶ୍ରେଣୀରେ ପଢୁଥିବା ନାବାଳିକା ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଉଭୟେ ତାଙ୍କ ପରିବାରରେ ଜଣାଇଥିଲେ। ଏନେଇ ପରିବାର ଲୋକେ ସଙ୍ଗେସଙ୍ଗେ ବୀରମିତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଏପରିକି ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଗାଁ ଲୋକଙ୍କର ଆକ୍ରୋଶ ବଢ଼ି ଯାଇଥିଲା। ହେଲେ ପୋଲିସ ସେମାନଙ୍କ ନିକଟରୁ ସମ୍ପୃକ୍ତ ଶିକ୍ଷକଙ୍କୁ ଉଦ୍ଧାର କରି ବୀରମିତ୍ରପୁର ଥାନାକୁ ଆଣିଥିଲେ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଶନିବାର ଶିକ୍ଷକ ଶାନ୍ତନୁ କୁମାର ନାୟକ(୪୯)ଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିବା ବୀରମିତ୍ରପୁର ଥାନାର ତଦନ୍ତକାରୀ ଅଧିକାରୀ ଏସ.ଆଇ ଦିପ୍ତିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଏନେଇ ବୀରମିତ୍ରପୁର ଥାନାରେ ଶୁକ୍ରବାର ଦଫା ୩୪୧/୩୫୪/୩୫୪(ଏ) ଆଇପିସି,ଆରଡବ୍ଲ୍ୟୁ ୮,୧୨ ପୋକ୍ସୋ ଆକ୍ଟରେ ଏକ ମାମଲା (୧୬/୨୧) ରୁଜୁ ହୋଇଛି। ଅଭିଯୁକ୍ତ ଶିକ୍ଷକ ଶାନ୍ତନୁ ରତାଖଣ୍ଡିସ୍ଥିତ ଏକ ବ୍ଲକ ଗ୍ରାଣ୍ଟ ହାଇସ୍କୁଲର ଶିକ୍ଷକ ଥିବା ପୋଲିସ ସୂଚନା ଦେଇଛି।

## ବିଜୁବାବୁଙ୍କ ଶ୍ରାଦ୍ଧଦିବସ

**ବ୍ରଜରାଜନଗର, ୧୭।୪ (ଡି.ଏନ.ଏ.):** ବ୍ରଜରାଜନଗର ସହର ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କର ୨୪ତମ ଶ୍ରାଦ୍ଧ ଦିବସ ନିରାଡମ୍ବର ଭାବରେ ପାଳନ କରାଯାଇଛି। ସ୍ଥାନୀୟ ବିଧାୟକ କିଶୋର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବିଶ୍ୱନାଥ ନାଏକ, ଟାଉନ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନ, ନୃପଲାଲ ତାଣ୍ଡି ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ।

## ବ୍ରଜରାଜନଗର ବଜାର ବନ୍ଦ

**ବ୍ରଜରାଜନଗର,୧୭।୪(ଡି.ଏନ.ଏ.):** ସପ୍ତାହାନ୍ତ ଶଟ୍‌ଡାଉନର ପ୍ରଭାବ ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ପୌରାଞ୍ଚଳରେ ଦେଖିବାକୁ ମିଳିଥିଲା। ସମସ୍ତ ଦୋକାନ ବଜାର ସାଙ୍ଗକୁ ସରକାରୀ ସଂସ୍ଥା, ବ୍ୟାଙ୍କ, ଏପରି କି କୋଇଲା ପରିବହନ ମଧ୍ୟ ବନ୍ଦ ରହିଥିଲା। ସହରାଞ୍ଚଳର ଗଳିକନ୍ଦିରେ ଥିବା ଖୁଚୁରା ଦୋକାନୀମାନେ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବରେ ବନ୍ଦ ରଖିଥିଲେ।

## ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡରେ ରନ୍ଧାଖାଦ୍ୟ ବଣ୍ଟନ

**ସମ୍ବଲପୁର, ୧୭।୪ (ବ୍ୟୁରୋ):** କରୋନା ଦ୍ୱିତୀୟ ଲହର ଯୋଗୁ ସମ୍ବଲପୁର ସହରରେ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରିଛନ୍ତି। ସହର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିବାରୁ ସମ୍ବଲପୁର ରେଳ ଷ୍ଟେଶନ, ସମ୍ବଲପୁର ରୋଡ୍ ଓ ଅଇଁଠାପାଲି ବସ୍ ଷ୍ଟାଣ୍ଡ ନିକଟରେ ରହୁଥିବା ଗରିବ, ନିରାଶ୍ରୟ ବ୍ୟକ୍ତିଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି। ସମ୍ବଲପୁର ହେଲଥ୍ ମିଶନ୍, ଫାଟକ ଷ୍ଟେଶନ ସଂଘର୍ଷ ଓ ଉନ୍ନତି କମିଟି ପକ୍ଷରୁ ସେମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି।

## ନାରୀସେବା ସଂଘ ଉପସଭାନେତ୍ରୀଙ୍କ ପରଲୋକ

**ସମ୍ବଲପୁର, ୧୭।୪ (ବ୍ୟୁରୋ):** ସମ୍ବଲପୁର ନାରୀସେବା ସଂଘର ଉପସଭାନେତ୍ରୀ ସୁନନ୍ଦା ମିଶ୍ରଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସଂଘ କର୍ମକର୍ତ୍ତା ଓ ସଭ୍ୟାମାନଙ୍କ ସମେତ ସହରର ବିଭିନ୍ନ ମହିଳା ସଂଗଠନ ଗଭୀର ଶୋକ ପ୍ରକାଶ କରିଛନ୍ତି।କମଳୀବଜାର ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ଜିତୁନ ମୁଖାଗ୍ନି ଦେଇଥିଲେ। ସଂଘ ସଭାନେତ୍ରୀ ରାଜେଶ୍ୱରୀ ଜେନା, ସମ୍ପାଦିକା କଳ୍ପନା ପ୍ରଧାନ ଓ ସହସମ୍ପାଦିକା ବାସନ୍ତୀ ମିଶ୍ର ଶୋକପ୍ରକାଶ କରି ସୁନନ୍ଦା ସର୍ବଦା ନାରୀମାନଙ୍କ ସମସ୍ୟା ସମାଧାନ କରିବାରେ ବ୍ରତୀ ଥିଲେ ବୋଲି କହିଥିଲେ।

# ଉପାସରେ ଦିନ କାଟିଲେ ପ୍ରବାସୀ

ସମ୍ବଲପୁର, ୧୭।୪(ବ୍ୟୁରୋ)


ସମ୍ବଲପୁର ଗୋବିନ୍ଦତୋଳା ପେଟ୍ରୋଲ ପମ୍ପ ସମ୍ମୁଖ ଗଛତଳେ ପ୍ରବାସୀ ଶ୍ରମିକମାନେ।

୨୦୨୦ ମାର୍ଚ୍ଚ ଶେଷ ସପ୍ତାହ ଓ ଏପ୍ରିଲ ପ୍ରଥମ ସପ୍ତାହରେ ଜନତା କର୍ଫ୍ୟୁ, ଶଟ୍‌ଡାଉନ ଓ ଏହା ପରେ ପରେ ହଠାତ୍ ସରକାର ଲକ୍‌ଡାଉନ ଘୋଷଣା କରିଥିଲେ। ସରକାରଙ୍କ ଏଭଳି ନିଷ୍ପତ୍ତି ପ୍ରବାସୀଙ୍କ ପାଇଁ ଯନ୍ତ୍ରଣା ଆଣିଦେଇଥିଲା। ପେଟକୁ ଦୁଇମୁଠା ଦାନା ମଧ୍ୟ ମିଳିପାରି ନ ଥିଲା। ହଜାର ହଜାର ପ୍ରବାସୀ ଶ୍ରମିକ ଘରକୁ ଫେରୁଥିବା ବେଳେ ରାସ୍ତାଘାଟରେ ଅନେକଙ୍କ ଜୀବନ ଚାଲିଯାଇଥିଲା। ସମଗ୍ର ଦେଶବାସୀ ଏହାକୁ ନିନ୍ଦା କରିଥିଲେ। ଯନ୍ତ୍ରଣାଦାୟକ ଏହି ଅନୁଭୂତିକୁ ସେମାନେ ଆଜି ପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି। ଏପରିସ୍ଥଳେ ରାଜ୍ୟର ୧୦ଜିଲାରେ ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ ଲାଗୁ ହୋଇଛି। ପ୍ରବାସୀମାନେ ଘରମୁହାଁ ହୋଇଥିବାବେଳେ ପୂର୍ବବର୍ଷର ସ୍ଥିତିକୁ ମନେପକାଇ ସେମାନଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି।

କେତେଜଣ ପ୍ରବାସୀ ଶ୍ରମିକ ନିଜ ଘରକୁ ଫେରୁଥିବାବେଳେ ଶନିବାର ସମ୍ବଲପୁର ସହରରେ ପହଞ୍ଚିଥିଲେ। ଗୋବିନ୍ଦତୋଳା ପେଟ୍ରୋଲ ପମ୍ପ ସମ୍ମୁଖରେ ୩ଜଣ ଯୁବକ ରାଞ୍ଚି ଯିବାକୁ ବସି ରହିଥିଲେ। ଶଟ୍‌ଡାଉନ ଯୋଗୁ ଖାଇବାକୁ ନ ପାଇ ଭୋକଉପାସରେ ଦିନତମାମ ଗଛ

### ସପ୍ତାହାନ୍ତ ଶଟ୍‌ଡାଉନ

ତଳେ କାଟିଥିଲେ। ଶ୍ରମିକ ଆଶିଷ କୁମାର କହିଛନ୍ତି ଯେ, ସେ ସୋନପୁର ଜିଲା ରେଳ ବିଭାଗ କାମରେ ନିୟୋଜିତ ରହିଥିଲେ। ଗତକାଲିଠାରୁ ଶଟ୍‌ଡାଉନ ହେବା ଖବର ଜାଣିଥିଲେ। ହେଲେ କୌଣସିମତେ ସକାଳୁ ସୋନପୁରରୁ ଏକ ମିନିବସ୍ ଯୋଗେ ସମ୍ବଲପୁରରେ ପହଞ୍ଚିଥିଲେ। ସମ୍ବଲପୁର ବନ୍ଦ ଥିବାରୁ କୌଣସି ସ୍ଥାନରେ ଖାଇବାକୁ ମିଳି ନ ଥିଲା। ପେଟ୍ରୋଲ ପମ୍ପରୁ ପାଣି ଆଣି ଦିନତମାମ କଟିଛି। ରାତ୍ରିରେ ଏକ ବସ୍ ରାଞ୍ଚି ଯିବାକୁ କହିଛି। ତେଣୁ ବସ୍ ହେଲପର୍ ସହିତ ଆଲୋଚନା କରି ଆମେ ଏଠାରେ ଅପେକ୍ଷା କରିଛୁ। ରାଞ୍ଚିକୁ ଏବେ ଟ୍ରେନ ଚଳାଚଳ ସୁବିଧା ନାହିଁ। ମନରେ ଲକ୍‌ଡାଉନର ଭୟ ରହିଛି। ତେଣୁ ଘୋଷଣା ହେବା ପୂର୍ବରୁ ଘରେ ସୁରକ୍ଷିତ ପହଞ୍ଚିବା ମନେକରି ବାହାରି ପଡିଥିବା କହିଥିଲେ। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ଆନ୍ତଃରାଜ୍ୟ ବସ୍ ଚଳାଚଳ ଉପରେ ରୋକ ଲଗାଯାଇଛି। ଏଭଳିସ୍ଥିତିରେ ପ୍ରବାସୀ ଶ୍ରମିକମାନେ କିଭଳି ଘରେ ପହଞ୍ଚିବେ ସେ ନେଇ ଚିନ୍ତା ବଢ଼ିଯାଇଛି। ଶଟ୍‌ଡାଉନ ଯୋଗୁ ଅନେକ ସ୍ଥାନରେ ଯାତାୟାତ ପ୍ରଭାବିତ ହୋଇଥିଲା। ଦୋକାନ ବଜାର ବନ୍ଦ ଥିବାରୁ ଲୋକମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା।

## ସମଲେଇଙ୍କ ଦର୍ଶନ ସମୟ ପରିବର୍ତ୍ତନ

ସମ୍ବଲପୁର, ୧୭।୪(ବ୍ୟୁରୋ)



କୋଭିଡ୍ କଟକଣା ଓ ସପ୍ତାହାନ୍ତ ଶଟ୍‌ଡାଉନ କାରଣରୁ ସମଲେଇଙ୍କ ଦର୍ଶନ ସମୟରେ ପରିବର୍ତ୍ତନ କରାଯାଇଛି। ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁଙ୍କ ସୂଚନା ଅନୁସାରେ ସୋମବାରଠାରୁ ଭକ୍ତମାନେ ସକାଳ ୬ଟାରୁ ଦିନ ସାଢ଼େ ୧୧ଟା ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଦର୍ଶନ କରିପାରିବେ। ଚୈତ୍ର ନବରାତ୍ରି ପାଇଁ ଦୀପ ବସାଇଥିବା ଭକ୍ତଙ୍କୁ କୌଣସି ସମସ୍ୟା ହେବ ନାହିଁ। ମା'ଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତି ପୂର୍ବଭଳି ପୂଜକମାନଙ୍କ ଦ୍ୱାରା କରାଯିବ। ଦୀପ ପ୍ରଜ୍ୱଳନ ମଧ୍ୟ ଯଥାବିଧି ଅନୁଷ୍ଠିତ ହେବ। ଭକ୍ତଙ୍କ ମନ୍ଦିର ପ୍ରବେଶ ସମୟରେ ସାମାଜିକ ଦୂରତା, ମାସ୍କ ପରିଧାନ, ହାତ ଧୋଇବା ନିୟମକୁ କଡାକଡି କରାଯିବ। ମନ୍ଦିର ପରିସରରେ ଯେଭଳି ଭିଡ଼ ନ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ। ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଭକ୍ତମାନେ ଦର୍ଶନ ପାଇପାରିବେ। ସେଥିପାଇଁ ମନ୍ଦିରର ଫେସ୍‌ବୁକ୍ ଆକାଉଣ୍ଟକୁ ଯାଇ ସିଧାସଳଖ ଲାଇଭ୍‌ର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି କହିଥିଲେ।

## ସମ୍ବଲପୁରରେ ଶଟ୍‌ଡାଉନର ପ୍ରଭାବ


ସମ୍ବଲପୁର ସହରର ମୁଖ୍ୟ ଛକ ଶୂନ୍‌ଶାନ ହୋଇପଡିଛି ।

ସମ୍ବଲପୁର,୧୭।୪(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ସମ୍ବଲପୁର ଜିଲାରେ ଶଟ୍‌ଡାଉନ ଓ ନାଇଟ୍ କର୍ଫ୍ୟୁ ଜାରି ହୋଇଛି। ଏହା ମଧ୍ୟରେ ସମ୍ବଲପୁର ମହାନଗର ନିଗମ, ରେଢାଖୋଲ ଏନ୍‌ଏସି, କୁଚିଣ୍ଡା ଏନ୍‌ଏସି ସାମିଲ ଅଛି। ହେଲେ କରୋନା ଭୟରେ ଗ୍ରାମାଞ୍ଚଳରେ ମଧ୍ୟ ଅନେକ ସ୍ଥାନରେ ଦୋକାନବଜାର ବନ୍ଦ ରହିଥିଲା। ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା କଡାକଡି କରାଯାଇଥିଲା। ୧୮ ସ୍ଥାନରେ ମୋଟ ୬ ପ୍ଲାଟୁନ ପୋଲିସ ମୁତୟନ ହୋଇଥିଲେ। ଧନୁପାଲି, ଜିଲାସ୍କୁଲ ଛକ, ଅଇଁଠାପାଲି ଛକ, ସିନ୍ଦୁରପଙ୍କ ଛକ, ଲକ୍ଷ୍ମୀଟକିଜ୍ ଛକ, ଦୁର୍ଗାପାଲି ପ୍ରମୁଖ ସ୍ଥାନରେ ଯାଞ୍ଚ କରାଯାଉଥିଲା। ଜରୁରୀ ସେବା ଯୋଗାଉଥିବା ବ୍ୟକ୍ତିଙ୍କୁ ଛାଡି ଦିଆଯାଉଥିଲା। ହେଲେ ସେମାନଙ୍କ

### ଜୀବନଜୀବିକା ପ୍ରଭାବିତ

ପରିଚୟ ପତ୍ର କିମ୍ବା କାଗଜପତ୍ର ଯାଞ୍ଚ କରାଯାଉଥିଲା। କେତେକ ସ୍ଥାନରେ ଅମାନିଆଙ୍କଠାରୁ ପୋଲିସ ଜରିମାନା ଅଦାୟ କରିବା ସହ କଡା ତାଗିଦ କରି ଛାଡିଦେଇଥିଲା। ଶଟ୍‌ଡାଉନ ଯୋଗୁ ଜୀବନ ଜୀବିକା ପ୍ରଭାବିତ ହୋଇଥିଲା। ଖଟିଖିଆ, ଦିନମଜୁରିଆ, ରିକ୍ସାବାଲା, ପରିବା ବିକାଳି ଭଳି ପରିବାର ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୋକାନ ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲାବେଳେ ରାସ୍ତାଘାଟ ଶୂନଶାନ ରହିଥିଲା। ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ଯାଞ୍ଚ ସ୍ଥାନକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ। ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା, ଏସ୍‌ଡିପିଓ ତପନ କୁମାର ମହାନ୍ତି ମଧ୍ୟ ଏହି ପ୍ରକ୍ରିୟାରେ ସାମିଲ ଥିଲେ।

# ସୁଖାଶୋଢ଼ା ବିଜୁ ସେତୁ ରାସ୍ତା ସିଲ୍

ଝାରସୁଗୁଡ଼ା ଅଫିସ,୧୭।୪


କଣ୍ଡେଇକେଲା ଫାଣ୍ଡି ପୋଲିସ ସୁଖାଶୋଢା ବିଜୁ ସେତୁ ରାସ୍ତାରେ ଗଛଡାଳ ପକାଇ ସିଲ୍ କରିଛି।

ଧରିତ୍ରୀ ପ୍ରଭାବ

ଛତିଶଗଡ ରାଜ୍ୟରେ କରୋନା ସଂକ୍ରମଣ ବଢି ଚାଲିଛି। ପଡୋଶୀ ଜିଲା ଝାରସୁଗୁଡାରେ ଏହା ଯେପରି ନ ବ୍ୟାପିବ ସେ ନେଇ ଜିଲା ପ୍ରଶାସନ ଓ ପୋଲିସ ତରଫରୁ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ସୀମାନ୍ତ କନକତୋରା, ଲରା ଓ ଏକତାଲ ରାସ୍ତାକୁ ପୋଲିସ୍ ସିଲ୍ କରି ଜଗିରହିଛି । ଫଳରେ ଛତିଶଗଡ ସୀମାନ୍ତ ଅଞ୍ଚଳର ଲୋକେ କେତେକ ଗଳିଆ ରାସ୍ତାରେ ଯାତାୟାତ କରୁଛନ୍ତି। ସୁଖାଶୋଢା ଗ୍ରାମ ନିକଟରେ ଥିବା ବିଜୁ ସେତୁ ରାସ୍ତା ଦେଇ ଲୋକେ ଯିବାଆସିବା କରୁଛନ୍ତି। ଏହି ଗ୍ରାମରେ ଅବାଧରେ ଚୋରା ମଦ ବିକ୍ରି ହେଉଛି। ଛତିଶଗଡର ଲୋକେ ମଦ ପିଇବାକୁ ଏଠାକୁ ଆସୁଛନ୍ତି। ଏହା ଦ୍ୱାର ଝାରସୁଗୁଡା ଜିଲା ସୀମାନ୍ତ ଅଞ୍ଚଳରେ କରୋନା ସଂକ୍ରମଣ ହେବା ଆଶଙ୍କା ରହିଛି । ଏ ନେଇ ଶନିବାର ଧରତ୍ରୀରେ ଫଟୋ ସମ୍ବଳିତ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ଓ ପୋଲିସ୍ ତତ୍ପର ହୋଇ ସୁଖାଶୋଢାସ୍ଥିତ ବିଜୁ ସେତୁ ରାସ୍ତାକୁ ସିଲ୍ କରିଛନ୍ତି। ତଥାପି ଲୋକେ ଚାଷ ଜମି ଭିତରେ ପଶି ଓଡିଶା ଭିତରୁ ପ୍ରବେଶ କରୁଥିବା ସୁଖାଶୋଢା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତାରେ ପୋଲିସ୍ ମୁତୟନ କରିବା ପାଇଁ ସୀମାନ୍ତବାସୀଙ୍କ ତରଫରୁ ଦାବି ହେଉଛି।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ, ୯୯ ୟୁନିଟ୍ ରକ୍ତ ସଂଗ୍ରହ

ଝାରସୁଗୁଡ଼ା ଅଫିସ,୧୭।୪

ଝାରସୁଗୁଡ଼ା ଜିଲାରେ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୨୪ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଦଳୀୟ ନେତା ଓ କର୍ମୀ ଝାରସୁଗୁଡା ବଡମାଲ ଛକ, ବ୍ରଜରାଜନଗର ଇଏସ୍‌ଆଇ ଛକ ଓ ବେଲପାହାଡ ଶନିମନ୍ଦିର ଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ବିଜେଡି ଜିଲା ସଭାପତି ତଥା ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାପରାୟ ଚୌଧୁରୀ, ରବି ସିଂହ, ଝାରସୁଗୁଡା ଟାଉନ ସଭାପତି ସନ୍ଦିପ ଅଗସ୍ତି, ହରିଶ ଗଣତ୍ରା, ଉପସଭାପତି ମନରଞ୍ଜନ ମହାପାତ୍ର, ଏସ୍‌ସି ସେଲ୍ ସଭାପତି ଜୟ ପ୍ରକାଶ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ଜୀବନ ବିନ୍ଦୁ ଓଡ଼ିଶା ମୋ ପରିବାର ତରଫରୁ ଲଖନପୁର ବ୍ଲକ୍ ପଞ୍ଚଗାଁ ଓ ଝାରସୁଗୁଡା ବ୍ଲକ୍ ଶ୍ରୀପୁରାରେ ରକ୍ତଦାନ ଶିବିର ହୋଇଥିଲା। ଏହାକୁ ବିଧାୟକ ମହାନ୍ତି ଉଦ୍‌ଘାଟନ କରିଥିଲେ। ସମୁଦାୟ ୯୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡା. ସିଲୋବନ୍ତୀ ଜୋଜ, ଡା. ଡିଲେଶ୍ୱର ମେହେର ପ୍ରମୁଖ ପରିଚାଳନା କରିଥିଲେ। ଜୀବନ ବିନ୍ଦୁ ଜିଲା ସଂଯୋଜକ ତ୍ରିନାଥ ଗୁଆଲ, ବିଜେଡି ଜିଲା ଉପସଭାପତି ବିଶ୍ୱନାଥ ନାୟକ, ଲଖନପୁର ବ୍ଲକ୍ ବିଜେଡି ସଭାପତି ରବିନ୍ଦ୍ର ପ୍ରଧାନ, ବ୍ରଜରାଜନଗର ଟାଉନ ସଭାପତି ରାଧାକାନ୍ତ ପ୍ରଧାନ ଉପସ୍ଥିତ ଥିଲେ ।

## ଟ୍ରକ୍ ଧକ୍କାରେ ଘର କାନ୍ଥ ଭାଙ୍ଗିଲା

ଲହୁଣୀପଡା,୧୭।୪ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ବାହାଡାପୋଷି ରାଜ୍ୟ ରାଜପଥ ୧୦ (କ)ର ଖୁଣ୍ଟଗାଁ ଛକ ନିକଟରେ ଏକ ୧୨ ଚକିଆ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ଘରର କାନ୍ଥ ଭାଙ୍ଗି ଯାଇଥିଲା । ଅଳ୍ପକେ ବର୍ତ୍ତି ଯାଇଥିଲେ ପରିବାର ଲୋକ । ପ୍ରକାଶ ଯେ, ଶନିବାର ବାହାଡାପୋଷି ପଟୁ ଏକ ୧୨ ଚକିଆ ଟ୍ରକ ଲହୁଣୀପଡା ପଟେ ଆସୁଥିଲା। ଖୁଣ୍ଟଗାଁ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଦୁଇଟି ଗଛକୁ ଧକ୍କା ଦେବା ସହିତ ପାଖରେ ଥିବା ପଙ୍କଜ ପ୍ରଧାନଙ୍କ ଘର ଭିତରେ ପଶି ଯାଇଥିଲା। କାନ୍ଥ ଭାଙ୍ଗିବା ଶବ୍ଦ ଶୁଣି ଘରର ଲୋକମାନେ ବାହାରକୁ ଦୌଡି ପଳେଇଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରି ତଦନ୍ତ ଚଳାଇଛି।

## ସାମାଜିକ କର୍ମୀ ଭିମ୍‌ସାରରେ ଭର୍ତ୍ତି

ସମ୍ବଲପୁର, ୧୭।୪ (ବ୍ୟୁରୋ)

ସାମାଜିକ କର୍ମୀ ଜୟଶ୍ରୀ ମିଶ୍ରଙ୍କ କୌଣସି ଏକ ଦୁର୍ଘଟଣାରେ ଗତ ୯ମାସ ତଳେ ହାତ, ଗୋଡ ଭାଙ୍ଗିଯାଇଥିଲା। ଚିକିତ୍ସା ଅବହେଳାରୁ ଏବେ ତାଙ୍କ ଗୋଡ ଛୋଟ ହୋଇଯାଇଛି। ଫଳରେ ସେ ଚଲାବୁଲା କରି ନ ପାରି ଖଟରେ ପଡିରହିଛନ୍ତି। ଏହା ଜାଣି ସମ୍ବଲପୁର ମହାନଗର ନିଗମ ବିଜେଡି କର୍ମକର୍ତ୍ତା ତାଙ୍କୁ ଚିକିତ୍ସା ପାଇଁ ଶନିବାର ଭିମ୍‌ସାର ନେଇଥିଲେ। ବହିଃବିଭାଗରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା। କିନ୍ତୁ ଗୋଡ ଠିକ୍ ହେବାକୁ ଉଚ୍ଚତର ଚିକିତ୍ସା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ବିଜେଡି ମହାନଗର ନିଗମ ସଭାପତି ପ୍ରଫୁଲ୍ଲ ଦାଶ, ମହିଳା ନେତ୍ରୀ ମମତା ପଣ୍ଡା, ସୁସ୍ମିତା ବେହେରା, ସୁସ୍ମିତା ମୁଦୁଲି, ଲିଲିମା ମଲ୍ଲିକ, ସାବିତ୍ରୀ ବେହେରା ପ୍ରମୁଖ ତାଙ୍କୁ ଚିକିତ୍ସା ପାଇଁ ନେଇଥିଲେ। ସୂଚନାଯୋଗ୍ୟ ଯେ, ଜୟଶ୍ରୀ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ। କିନ୍ତୁ ଗୋଡ ହାତ ଭାଙ୍ଗି ଯାଇଥିବାରୁ ବର୍ତ୍ତମାନ ସେ ଯାତାୟାତ କରିପାରୁନାହାନ୍ତି।

## ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

ସମ୍ବଲପୁର, ୧୭।୪ (ବ୍ୟୁରୋ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଶନିବାର ପାଳିତ ହୋଇଯାଇଛି। ସକାଳ ୮ଟାରେ ରେମେଡ ଛକସ୍ଥିତ ପ୍ରତିମୂର୍ତ୍ତିରେ ସମ୍ବଲପୁର, ହୀରାକୁଦ, ବୁର୍ଲା ଅଞ୍ଚଳର ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ। ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ସମ୍ବଲପୁର ମହାନଗର ନିଗମ ସଭାପତି ପ୍ରଫୁଲ୍ଲ କୁମାର ଦାସ, ବରିଷ୍ଠ ନେତା ବାମଦେବ ଷଡଙ୍ଗୀ, ପ୍ରସନ୍ନ ତ୍ରିପାଠୀ, ରବିନ୍ଦର୍ ସିଂ, ଏ. ପାଢ଼ୀ, ଲିଙ୍ଗରାଜ ତ୍ରିପାଠୀ, ମନୋଜ ବାରିକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ବୁର୍ଲା ଭିମ୍‌ସାରଠାରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୧୦୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।


ରେମେଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

# ଗ୍ରାମବାସୀଙ୍କୁ ଉଠାଇନେଲା ପୋଲିସ

ଝାରସୁଗୁଡ଼ା ଅଫିସ,୧୭।୪


ବ୍ରଜରାଜନଗର ଥାନା ପରିସରରେ ଧାରଣା ଦେଇଥିବା ଗ୍ରାମବାସୀ।

ନିଯୁକ୍ତି ଦାବିରେ ଛୁଆଲିବେର୍ଣ୍ଣା ଗ୍ରାମବାସୀ ଶୁକ୍ରବାର ସକାଳୁ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ)ର ଲଜକୁରା ଖୋଲାମୁହଁ କୋଇଲାଖଣି ପରିସରରେ ଧାରଣାରେ ବସିଥିଲେ। ଫଳରେ ଖଣି ସମ୍ପ୍ରସାରଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଆନ୍ଦୋଳନର ଦ୍ୱିତୀୟ ଦିନ ଶନିବାର ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସ, ଆଇଆଇସି ନଳିତା ମୋଦୀ ଓ ଖଣି ପ୍ରକଳ୍ପ ଅଧିକାରୀ କେ.ସି. ସାହୁ ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ହେଲେ ସେମାନେ ଜିଦ୍‌ରେ ଅଟଳରହି ଦାବି ପୂରଣ ନ ହେଲେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ। ପରେ ପୋଲିସ୍ ସେମାନଙ୍କୁ ବଳପୂର୍ବକ ଏକ ଭ୍ୟାନରେ ଉଠାଇଆଣି ବ୍ରଜରାଜନଗର ଥାନାରେ ଅଟକ ରଖିଛି। ଏ ନେଇ ଗ୍ରାମବାସୀ ଓ ଖଣି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଥାନାରେ ଆଲୋଚନା ହେବ ବୋଲି ପୋଲିସ କହିଛି। ହେଲେ ସନ୍ଧ୍ୟା ସୁଦ୍ଧା କୌଣସି ଆଲୋଚନା ହୋଇ ନ ଥିବାବେଳେ ଆନ୍ଦୋଳନକାରୀ ଥାନାରେ ଧାରଣା ଦେଇଥିବା ଜଣାପଡିଛି।

### ନିଯୁକ୍ତି ଦାବିରେ ଧାରଣାରେ ବସିଥିଲେ

ଏସ୍‌ଡିପିଓ ଦାସ କହିଛନ୍ତି, ଗ୍ରାମବାସୀଙ୍କ ଦାବି ସମ୍ପର୍କରେ ଉପଜିଲାପାଳ ବିଚାର କରିବେ ବୋଲି କୁହାଯାଇଥିଲା। ଏହାକୁ ସେମାନେ ଅଗ୍ରାହ୍ୟ କରିଥିଲେ। ଏହାଛଡା ସେମାନେ ଖଣି ପରିସରରେ ଧାରଣାରେ ବସି କୋଭିଡ୍ ନିୟମ ଉଲ୍ଲଂଘନ କରିଛନ୍ତି। ଏହା ସହିତ ମାଇନ୍ସ ସମ୍ପ୍ରସାରଣ ପାଇଁ ବ୍ଲାଷ୍ଟିଂ ହେବାର ଥିଲା। ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ଖଣି ପରିସରରୁ ଉଠାଇ ଦିଆଯାଇଛି। ଏମାନଙ୍କ ନାମରେ କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନାଯୋଗ୍ୟ ଛୁଆଲିବେର୍ଣ୍ଣା ଗ୍ରାମର କେତେକ ଜଙ୍ଗଲ ଜମିକୁ ଏମ୍‌ସିଏଲ୍ ଅଧିଗ୍ରହଣ କରିଛି। ଏହି ଜମି ଉପରେ ଗ୍ରାମବାସୀ ନିର୍ଭରଶୀଳ ଥିଲେ। ଏହାକୁ ଦୃଷ୍ଟିରେ ରଖି କ୍ଷତିଗ୍ରସ୍ତ ଗ୍ରାମବାସୀ ଖଣି କର୍ତ୍ତୃପକ୍ଷଙ୍କ ନିକଟରେ ନିଯୁକ୍ତି ଦାବି କରିଥିଲେ। ଖଣି କର୍ତ୍ତୃପକ୍ଷ ନୀଳକଣ୍ଠ ମାଇନିଂ ଠିକାସଂସ୍ଥାରେ ୧୮ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ଗ୍ରାମର ବାକି ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାପାଇଁ ଖଣି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହାକୁ ରକ୍ଷା କରୁନାହାନ୍ତି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ବନ ସୁରକ୍ଷା ସମିତିର ବନକ୍ଷେତ୍ର ପରିଦର୍ଶନ

ବିନିକା,(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ରେଞ୍ଜ ସିଂଘିଯୁବା ଗ୍ରାମ ବନ ସୁରକ୍ଷା ସମିତି ସଭାପତି ଭଗବାନ ସେଠୀ, ବହୁବସା ବନ ସୁରକ୍ଷା ସମିତି ସଭାପତି ପ୍ରକାଶ ନାଇକଙ୍କ ତତ୍ତ୍ୱାବଧାନକ୍ରମେ ବିନିକା ଓ ଉଲୁଣ୍ଡା ବନାଞ୍ଚଳରେ କରାଯାଇଥିବା ବନାଞ୍ଚଳ ଉନ୍ନୟନ କାର୍ଯ୍ୟର ସମୀକ୍ଷା ହୋଇଛି। ୩୦ଟି ବନ ସୁରକ୍ଷା ସମିତି ସଭ୍ୟାସଭ୍ୟମାନେ ବଘାରମୁଣ୍ଡା, ମାଟୁପାଲି, କପାସିରା ଓ ଗିନ୍ଦିଲିମାଳ ଯାଇ ସମିତି ପକ୍ଷରୁ କରାଯାଇଥିବା କାର୍ଯ୍ୟ ପରିଦର୍ଶନ କରିଥିଲେ। ଉକ୍ତ ଅଞ୍ଚଳରେ ବନ ସୁରକ୍ଷା ସମିତି ପକ୍ଷରୁ ହେଉଥିବା ବୃକ୍ଷରୋପଣ, ମୃତ୍ତିକା ଆଦ୍ରତା ସଂରକ୍ଷଣ କାର୍ଯ୍ୟ ଏବଂ ବନ ସୁରକ୍ଷା ସମିତି ପାଇଁ ନିର୍ମାଣ ହୋଇଥିବା ରୋଜଗାର ବୃଦ୍ଧି ଗୃହ ବୁଲି ଦେଖିଥିଲେ। ଏଥିରେ ଉଭୟ ଅଞ୍ଚଳର ବନରକ୍ଷୀ ବନମାଳୀ ପାଣ୍ଡେ ଓ ସଂଯୋଜିକା ସୁନିଲା ସାହୁ ବନ ସୁରକ୍ଷା ସମିତି ସଦସ୍ୟମାନଙ୍କୁ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଆଜିଠୁ ଘରକୁ ଘର ବୁଲି ସର୍ବେକ୍ଷଣ

**ଭବାନୀପାଟଣା,୧୭।୪(ଡି.ଏନ.ଏ.):** ଭବାନୀପାଟଣା ସହରରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ପ୍ରତିହତ ନିମନ୍ତେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରବିବାର ଓ ସୋମବାର ଦିନ ଘରକୁ ଘର ବୁଲି ସର୍ଭେ କରାଯିବ । କୌଣସି ବ୍ୟକ୍ତିଙ୍କ ଠାରେ କରୋନା ଲକ୍ଷଣ ଦେଖାଦେଲେ ତାଙ୍କର ମାଗଣାରେ ପରୀକ୍ଷା ଓ ଚିକିତ୍ସା ଲାଗି ବ୍ୟବସ୍ଥା କରାଯାଉଛି । ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା ପୌରପାଳିକାର ୨୦ ଗୋଟି ୱାର୍ଡରେ ଜିଲାପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଭାବରେ ଦାୟିତ୍ୱ ଦିଆଯାଇଛି । ଜିଲା ଚିକିତ୍ସାଳୟର ଡାକ୍ତର, ଅଧିକାରୀ, କର୍ମଚାରୀ, ଏଏନଏମ, ଆଶାଦିଦି, ଏଏନଏମ ଦିଦି ଓ ପୌରପାଳିକାର କର୍ମଚାରୀମାନଙ୍କୁ ନେଇ ୨୦ ଗୋଟି ଟିମ ଗଠନ କରାଯାଇଛି ।

### ଗୁଡଖାପଲା ସରପଞ୍ଚ ଉପନିର୍ବାଚନ ସ୍ଥଗିତ

**ଦେଓଗାଁ,୧୭।୪(ଡି.ଏନ.ଏ.):** ଦେଓଗାଁ ବ୍ଲକ ଗୁଡଖାପଲା ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ କୋଭିଡ ଯୋଗୁଁ ଅନିର୍ଦ୍ଦିଷ୍ଟ କାଳପାଇଁ ସ୍ଥଗିତ ହୋଇଛି । ଏ ନେଇ ବିଡିଓ ମୁରଲୀଧର ନାଏକ ସୂଚନା ଦେଇଛନ୍ତି । ସରକାରୀ ବିଜ୍ଞପ୍ତି ଅନୁସାରେ ଆସନ୍ତା ୨୮ ତାରିଖରେ ଭୋଟଗ୍ରହଣ, ହେବା ସ୍ଥିରୀକୃତ ହୋଇଥିଲା ।

### ଜଳ ପ୍ରକଳ୍ପ କୂପ ଖନନ ପାଇଁ ଭୂମି ପୂଜନ

**ଲୋଇସିଂହା,୧୭।୪(ଡି.ଏନ.ଏ.):** ଲୋଇସିଂହା ବ୍ଲକ ବୁଢ଼ାପଦର ପଞ୍ଚାୟତ ଅଧୀନ ନେଗିପାଲି ଗ୍ରାମର ପାନୀୟ ପ୍ରକଳ୍ପ କାମର ଶିଳାନ୍ୟାସ ଶନିବାର ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନଙ୍କଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଫଡିଘର ସମ୍ମୁଖ କଟାଁ ପରିସରରେ କୂଅ ଖନନ ସକାଶେ ସରପଞ୍ଚ ପଧାନ ପୂଜାର୍ଚ୍ଚନା କଲା ପରେ କୂଅ ଖୋଳା ଆରମ୍ଭ ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ସରିଲା ପରେ ଓଭରହେଡ ଟାଙ୍କି ନିର୍ମାଣ ହେବ ବୋଲି ସରପଞ୍ଚ କହିଛନ୍ତି। ଏହି ଅବସରରେ ରାଜେଶ କୁଅଁର,ହେମରାଜ ମହାକୁର, କିଶୋର ଦର୍ଜି,ଶତ୍ରୁଘ୍ନ ମହାକୁର, ରଶ୍ମୀ ବିଶି ପ୍ରମୁଖ ଉପସ୍ଥିତଥିଲେ। ଦୁଇୱାର୍ଡ ବିଶିଷ୍ଟ ନେଗିପାଲି ଗାଁରେ ୭ଟି ନଳକୂପ ରହିଛି। ହେଲେ ଗ୍ରୀଷ୍ମ ଦିନରେ ପାଣି ପାଇଁ ଗ୍ରାମବାସୀ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ବ୍ୟବସ୍ଥା କରାଯାଇଥାଏ । ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପ ପାଇଁ ଗ୍ରାମବାସୀ ଦାବିକରି ଆସୁଥିଲେ ।

### ଦାବି ପୂରଣ ନ ହେଲେ ସାମୂହିକ ଇସ୍ତଫା

**ନୂଆପଡା ଅଫିସ,୧୭।୪:** ଓଡିଶା ପ୍ରାଣୀ ଚିକିତ୍ସକମାନେ ବିଭିନ୍ନ ଦାବି ନେଇ ରାଜ୍ୟସାରା କଳା ବ୍ୟାଜ୍ ପରିଧ୍ୟାନ କରି ପ୍ରତିବାଦ କରୁଥିବା ବେଳେ ଏହାର ପ୍ରଭାବ ନୂଆପଡା ଜିଲ୍ଲାରେ ଦେଖିବାକୁ ମିଳିଛି । ଶୁକ୍ରବାର ଜିଲାର ନୂଆପଡା, ଖରିଆର ରୋଡ, ବେଲଟୁକୁରି, ତରବୋଡ, କୋମନା, ଖଡିଆଳ, ବୋଡେନ ଓ ସିନାପାଲି ପ୍ରାଣୀ ଚିକିତ୍ସା କେନ୍ଦ୍ରର ସମସ୍ତ ଭିଏଏସ କଳା ବ୍ୟାଜ୍ ପରିଧ୍ୟାନ କରି ପ୍ରତିବାଦ କରିଥିଲେ। ବିଭିନ୍ନ ଦାବି ପୂରଣ ପାଇଁ ରାଜ୍ୟ ସରକାର ୨୦୨୦ ମସିହାରେ ସଂଘକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଦାବିଗୁଡିକ ପୂରଣ ନ କରିବାରୁ ପ୍ରାଣୀ ଚିକିତ୍ସକମାନେ ଏପ୍ରିଲ ୧୬ରୁ ପ୍ରତିବାଦ କରୁଛନ୍ତି । ସରକାର ଦାବି ପୂରଣ ନ କଲେ ଏପ୍ରିଲ ୨୫ରୁ ଡିଜିଟାଲ କାର୍ଯ୍ୟ ବର୍ଜନ, ମେ ୧ରୁ କଲମ ଛାଡ ଆନ୍ଦୋଳନ, ମେ ୧୫ରେ ସାମୂହିକ ଛୁଟି ଓ ମେ ୨୫ରେ ସାମୂହିକ ଇସ୍ତଫା ଦେବାକୁ ସେମାନେ ଚେତାବନୀ ଦେଇଛନ୍ତି ।

### ଜଳିଗଲା ଘର

**ଦେଓଗାଁ,୧୭।୪ (ଡି.ଏନ.ଏ):** ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲି ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେକ ବ୍ୟକ୍ତିଙ୍କ ଘର ଜଳିଯାଇଛି । ଏବେ ବିପନ୍ନ ପରିବାର ଗାଁ କ୍ଲବ ଘରେ ଆଶ୍ରୟ ନେଇଛନ୍ତି। ସୂଚନାନୁସାରେ ରେଙ୍ଗାଲି ଗାଁର ସାହେବ ସୁନାଙ୍କ ପରିବାର ସଦସ୍ୟ ରାତିରେ ସବୁଦିନ ପରି ଖାଇ ସାରି ଶୋଇ ପଡିଥିଲେ। ରାତି ପ୍ରାୟ ୧ଟା ବେଳେ ତାଙ୍କ ଘର ଜଳିବାକୁ ଆରମ୍ଭ କରିଥିଲା। ଘରର ଜଣେ ମହିଳା ସଦସ୍ୟା ଏହା ଜାଣି ସମସ୍ତଙ୍କୁ ଉଠାଇ ଘରୁ ବାହାରି କରି ଆଣିବାରେ ସମସ୍ତଙ୍କ ଜୀବନ ବର୍ତ୍ତିଯାଇଥିଲା। ହେଲେ ନିଆଁର ପ୍ରକୋପ ଯୋଗୁଁ ଘରେ ଥିବା ଧାନ ଚାଉଳ ଓ ଆସବାବ ପତ୍ର ଜଳିପୋଡି ପାଉଁଶ ହୋଇଯାଇଥିଲା। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

# ପାତାଳି ଶ୍ରୀକ୍ଷେତ୍ରରେ ରୋପ୍ ୱେ ନିର୍ମାଣ ବିଳମ୍ବିତ

**ସୋନପୁର,୧୭।୪(ନି.ପ୍ର.)**



ରୋପ ୱେ ପାଇଁ ଭିତ୍ତିପ୍ରସ୍ତର ଫଳକ ।

ସୁବର୍ଣ୍ଣପୁର ଜିଲା କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ଜାରି ରହିଛି। ହେଲେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିବା ପାଇଁ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇପାରୁନି। ୨୦୧୯ ମସିହା ଫେବୃୟାରୀ ୧୧ତାରିଖରେ ପାତାଳି ଶ୍ରୀକ୍ଷେତ୍ରରେ ରୋପ ୱେ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତତ୍କାଳୀନ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର କୁମାର ମହାନ୍ତି, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ତତ୍କାଳୀନ ଆଠମଲ୍ଲିକ ବିଧାୟକ ସଞ୍ଜିବ୍ ସାହୁ, ଜିଲାପାଳ ମଧୁସୂଦନ ମିଶ୍ର ଓ ପଶ୍ଚିମ ଓଡିଶା ବିକାଶ ପରିଷଦର ତତ୍କାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପେମାନିଧି ସେଠ୍ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେ ସମୟରେ ପ୍ରକଳ୍ପ ପାଇଁ ପ୍ରାୟ ୧୦କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ପାତାଳି ଶ୍ରୀକ୍ଷେତ୍ରର ଦୁଇଟି ପାହାଡ ମଝିରେ ରୋପ ୱେ ନିର୍ମାଣ କରିବା ସହିତ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସକାଶେ ନିଷ୍ପତ୍ତି ହୋଇଥିଲା। ଏହି ପାହାଡର ଏକ ଗୁମ୍ଫାରେ ଜଗତରନାଥ ଜଗନ୍ନାଥ ୧୪୪ ବର୍ଷ ଧରି ପାତାଳି ହୋଇଥିଲେ। ଯାହାକି ପ୍ରାମାଣିକ ତଥ୍ୟଭାବେ ମାଦଳା ପାଞ୍ଜି ସମେତ ବହୁ ଐତିହାସିକ ସ୍ୱୀକୃତି ରହିଛି। ରାଜ୍ୟ ସରକାର ଏହି ସ୍ଥାନକୁ ପର୍ଯ୍ୟଟନ କ୍ଷେତ୍ରଭାବେ ଘୋଷଣା କରିଛନ୍ତି। ତେବେ ଏଠାରେ ଉନ୍ନୟନମୂଳକ କାର୍ଯ୍ୟ ଓ ମନ୍ଦିର ନିର୍ମାଣ କାର୍ଯ୍ୟ ଫଳକରେ ହିଁ ସୀମିତ ରହିଛି। ପ୍ରକଳ୍ପ ନିର୍ମାଣ ହୋଇଥିଲେ ପାବନ ପୀଠର ବିକାଶ ହୋଇଥାନ୍ତା। ସବୁବେଳେ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାନ୍ତା । ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶ ହୋଇଥାଆନ୍ତା। ହେଲେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ନ ହେବାରୁ ଜିଲାର ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି ।

# ଶଟ୍ ଡାଉନରେ ପ୍ରି ବୋର୍ଡ଼ ପରୀକ୍ଷା


ଛାତ୍ରମାନେ ବରଗଡ଼ ଜର୍ଜ ହାଇସ୍କୁଲକୁ ପରୀକ୍ଷା ଦେବାକୁ ଯାଉଛନ୍ତି।

**ବରଗଡ଼ ଅଫିସ୍,୧୭।୪**

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ବରଗଡ଼ ଜିଲା ସହରାଞ୍ଚଳରେ ଶନିବାରଠାରୁ ସପ୍ତାହନ୍ତ ଶଟ୍ ଡାଉନ କଟକଣା ଲାଗୁ ହୋଇଛି। ଏହି କଟକଣା ମଧ୍ୟରେ ଶନିବାର ଜିଲାର ହାଇସ୍କୁଲ ଗୁଡ଼ିକରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଲିଖିତ ପ୍ରି ବୋର୍ଡ଼ ପରୀକ୍ଷା (ଫାଇନାଲ ପ୍ରାକ୍ଟିସ ଟେଷ୍ଟ) ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପଟେ ଶଟ୍ ଡାଉନ କଟକଣା ନେଇ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଶଟ୍ ଡାଉନ୍ ସମୟରେ ସ୍କୁଲ ଖୋଲାଯିବା ନେଇ କୌଣସିଠାରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିନାହିଁ। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କୁ ପଚାରିବାରୁ ଲିଖିତ ପରୀକ୍ଷା ହୋଇଥିବା ଘଟଣାକୁ ସ୍ୱୀକାର କରିଥିଲେ ଏବଂ ଆସନ୍ତା ୧୯ତାରିଖରୁ ସ୍କୁଲ ବନ୍ଦ ରଖିବାକୁ ସରକାରୀ ନିର୍ଦ୍ଦେଶ ରହିଥିବା ସେ କହିଥିଲେ ।

ପ୍ରକାଶ ଯେ, ଗତ ୧୫ତାରିଖରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଉକ୍ତ ପରୀକ୍ଷା ଆରମ୍ଭ ହୋଇଥିଲା । ଶନିବାର ଅନ୍ତିମ ଦିବସ ରହିଥିଲା । ଅନ୍ତିମ ଦିବସର ପ୍ରଥମ ସିଟିଂରେ ଗଣିତ ଏବଂ ଦ୍ୱିତୀୟ ସିଟିଂରେ ହିନ୍ଦୀ/ସଂସ୍କୃତ ରହିଥିଲା। ପ୍ରଥମ ସିଟିଂ ସକାଳ ୭ଟା ଏବଂ ଦ୍ୱିତୀୟ ସିଟିଂ ପୂର୍ବାହ୍ନ ସାଢ଼େ ୯ଟାରୁ ଆରମ୍ଭ ହୋଇଥିବାବେଳେ ପ୍ରତି ସିଟିଂର ଅବଧି ୨ଘଣ୍ଟା ୧୫ମିନିଟ୍ ରହିଥିଲା। ଫଳରେ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରମାନେ ସକାଳୁ ୟୁନିଫର୍ମରେ ସ୍କୁଲକୁ ଯାଉଥିବା ଦେଖିବାକୁ ମିଳିଥିଲା। ଶଟ୍ ଡାଉନରେ ରାସ୍ତାଘାଟ ଶୂନଶାନ ଥିବାବେଳେ ଛାତ୍ରୀଛାତ୍ର ସ୍କୁଲ ଅଭିମୁଖେ ଯିବା ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ତେବେ ସେହି ଛାତ୍ରୀଛାତ୍ରଙ୍କୁ ପଚାରିବାରୁ ସେମାନେ ସ୍କୁଲକୁ ପ୍ରି ବୋର୍ଡ଼ ପରୀକ୍ଷା ଦେବା ପାଇଁ ଯାଉଛନ୍ତି ବୋଲି କହିଥିଲେ ।

# ପ୍ରଶାନ୍ତଙ୍କୁ ସହାୟତା ଦେଲେ ବ୍ୟବସାୟୀ

**ବିନିକା,୧୭।୪(ଡି.ଏନ୍.ଏ.)**


ଦୟା ପଧାନ ନାରାୟଣଙ୍କ ଘରକୁ ଯାଇ ସହାୟତା ରାଶି ପ୍ରଦାନ କରୁଛନ୍ତି।

ଧରିତ୍ରୀ ପ୍ରଭାବ

ଆମ୍ବଗଛରୁ ପଡି ହାତ ଭାଙ୍ଗିଯିବା ପରେ ଉପଯୁକ୍ତ ଚିକିତ୍ସା ଅଭାବରୁ ବାମହାତ ହରାଇଥିଲେ ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଅନ୍ତର୍ଗତ ମାୟାବର୍ହା ଗ୍ରାମର ନାରାୟଣ ତାଣ୍ଡିଙ୍କ ପୁଅ ପ୍ରଶାନ୍ତ(୧୫)। ଏ ସମ୍ପର୍କିତ ଏକ ଖବର ଶନିବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଖବର ପଢିବା ପରେ ସିଂଘିଯୁବା ଛକରେ ଫାଷ୍ଟଫୁଡ୍ ଦୋକାନ କରିଥିବା ଦୟା ପଧାନ ତାଙ୍କ ଦିନକର ରୋଜଗାର ଅର୍ଥ ପ୍ରଶାନ୍ତଙ୍କୁ ପ୍ରଦାନ କରିଛନ୍ତି। ଶନିବାର ଅପରାହ୍ନରେ ସେ ନାରାୟଣଙ୍କ ଘରକୁ ଯାଇ ପ୍ରଶାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଅସ୍ତ୍ରୋପଚାର ପାଇଁ ୧ହଜାର ଟଙ୍କା ଅର୍ଥ ପ୍ରଦାନ କରିଥିଲେ। କୃତ୍ରିମ ହାତ ଲଗାଇ ପ୍ରଶାନ୍ତଙ୍କ ମୁହଁରେ ହସ ଫୁଟାଇବା ଦିଗରେ ସହଯୋଗ କରିବାକୁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ୨୦୧୯ ମସିହା ଅଗଷ୍ଟ ମାସ ୨୮ ତାରିଖରେ ୭ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଜଣେ ଶିକ୍ଷୟିତ୍ରୀଙ୍କ କଥାରେ ନିକଟସ୍ଥ ଆମ୍ବଗଛରୁ ଆମ୍ବ ତୋଳିବା ପାଇଁ ଯାଇଥିଲେ ପ୍ରଶାନ୍ତ। ଆମ୍ବ ତୋଳିବା ବେଳେ ଆସାବଧାନତାବଶତଃ ଗଛରୁ ଖସି ପଡିଥିଲେ। ଏଥିରେ ତାଙ୍କ ବାମହାତ ଭାଙ୍ଗି ଯାଇଥିଲା। ନାରାୟଣ ପୁଅକୁ ପ୍ରଥମେ ବରଗଡ ସରକାରୀ ଡାକ୍ତରଖାନା ଓ ପରେ ଚିକିତ୍ସା ପାଇଁ ବୁର୍ଲା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅସ୍ତ୍ରୋପଚାର ପରେ ବାମ ହାତକୁ କାଟିବାକୁ ପଡିଲା। ତେବେ କଟକ ବଡ ମେଡିକାଲରେ ଶେଷ ଅସ୍ତ୍ରୋପଚାର ସହ ଓଲଟପୁରରେ କୃତ୍ରିମ ହାତ ଲଗାଇବା ପାଇଁ ଡାକ୍ତର କହିଥିଲେ। ଏଥିପାଇଁ ୧ଲକ୍ଷ ୩୦ହଜାର ଟଙ୍କା ଲାଗିବ ବୋଲି କୁହାଯାଇଥିଲା। ହେଲେ ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ନାରାୟଣ ଟଙ୍କା ଯୋଗାଡ କରିପାରୁ ନାହାନ୍ତି। ସହାୟତାର ହାତ ବଢାଇବାକୁ ନାରାୟଣ ଆକୁଳ ନିବେଦନ କରିଛନ୍ତି ।

# ଧବଳେଶ୍ୱର ପୀଠରେ ବିଗ୍ରହ ସ୍ଥାପନ ଉତ୍ସବ


ସ୍ଥାପନ କରାଯାଇଥିବା ବିଗ୍ରହ ।

**ବରପାଲି, ୧୭।୪ (ଡି.ଏନ୍.ଏ)**

ବରପାଲି ବ୍ଲକ ସରଣ୍ଡାପାଲି ନୈମିଷ୍ୟାରଣ୍ୟ ଧବଳେଶ୍ୱର ପୀଠରେ ଶିବ ପାର୍ବତୀଙ୍କ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୁକ୍ରୁ ପଧାନ ଓ ରୀନା ପଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଠାରେ ଦୀର୍ଘବର୍ଷ ଧରି ପ୍ରତି ମାସ ସଂକ୍ରାନ୍ତି ପୂଜା ସହ ରାମାୟଣ ପ୍ରବଚନ ଅନୁଷ୍ଠିତ ହୋଇଆସୁଛି। ଏହି ପୀଠରେ ଭକ୍ତ ଦେଉଥିବା ନଡିଆ ଆପେ ଆପେ ଫାଟିଯାଉଥିବା ଗ୍ରାମବାସୀ କୁହନ୍ତି। ଗ୍ରାମର ନରେନ୍ଦ୍ର ସାହୁ, ସତ୍ୟବାନ ସାହୁ, ଶଙ୍କର ସାହୁ, ରାମେଶ୍ୱର ସାହୁ, ପରେଶନାଥ ସାହୁ ଓ ରଞ୍ଜିତ ପଧାନ ଦ୍ୱାରା ଏହାର ପରିଚାଳନା କରାଯାଉଛି।

# ସିନାପାଲି କଲେଜ ଅଧକ୍ଷଙ୍କ କରୋନାରେ ମୃତ୍ୟୁ

**ନୂଆପଡା ଅଫିସ,୧୭।୪**

ନୂଆପଡା ଜିଲା ସିନାପାଲି ମହାବିଦ୍ୟାଳୟର ଅଧକ୍ଷ ଡଃ ମୋହନ ସାହୁଙ୍କ ଶନିବାର ସକାଳ ସାଢେ ୭ଟାରେ କରୋନାରେ ମୃତ୍ୟୁ ହୋଇଛି। ସ୍ୱର୍ଗତ ସାହୁଙ୍କ ଘର ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଡୋଙ୍ଗରିପାଲିରେ । ସିନାପାଲି କଲେଜ ପ୍ରତିଷ୍ଠା ଦିନଠାରୁ ସେ ଓଡ଼ିଆ ବିଭାଗ ଅଧ୍ୟାପକ ଏବଂ ବର୍ତ୍ତମାନ ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ। କରୋନା ସଂକ୍ରମିତ ହେବା ପରେ ସେ ରାଉରକେଲାରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ହରିନାରାୟଣ ଜୈନଙ୍କ ଷଷ୍ଠ ପୁଣ୍ୟତିଥି ପାଳିତ



ସଭାରେ ମଞ୍ଚାସୀନ ଅତିଥି ।

**ବଲାଙ୍ଗୀର ଅଫିସ, ୧୭।୪**

ସାମାଜିକ କର୍ମୀ ସ୍ୱର୍ଗତ ହରିନାରାୟଣ ଜୈନଙ୍କ ଷଷ୍ଠ ପୁଣ୍ୟତିଥି ସ୍ଥାନୀୟ ତେରାପନ୍ଥ ଭବନ ପରିସରରେ କୋଭିଡ୍ ନିୟମାନୁସାରେ ପାଳିତ ହୋଇଛି । ଆୟୋଜିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ସ୍ୱର୍ଗତ ଜୈନଙ୍କ ସମାଜସେବା ଓ ଜନହିତକର କାର୍ଯ୍ୟକୁ ମନେ ପକାଇଥିଲେ । ପୂଜ୍ୟପୂଜା ସଙ୍ଗଠନ ସଭାପତି ଡା. ଅଶୋକ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ନାଗରିକ କମିଟି ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ପରିଚାଳନା କରିଥିଲେ । ସ୍ୱର୍ଗତ ଜୈନଙ୍କ ସୁପୁତ୍ର ଇଂ ମନୋଜ ଜୈନ ମଞ୍ଚାସୀନ ଥିଲେ । ନାଗରିକ କମିଟି ସଭାପତି ବିକ୍ରମ ବହିଦାର, ମାରୱାଡି ସମ୍ମେଳନ ଅଧ୍ୟକ୍ଷ ମହେନ୍ଦ୍ର ଅଗ୍ରୱାଲ, ସମ୍ପାଦକ ମୋହନ ଅଗ୍ରୱାଲ, ଉପାଧ୍ୟକ୍ଷ ବଳରାମ ଅଗ୍ରୱାଲ, ମାରୱାଡି ସମ୍ମେଳନ ପ୍ରାନ୍ତୀୟ ଉପାଧ୍ୟକ୍ଷ ଗୌରୀ ଶଙ୍କର ଅଗ୍ରୱାଲ, ରାଜକୁମାର ମୋଦୀ, ରୋଟାରୀ କ୍ଲବ ଅଧ୍ୟକ୍ଷ ସଞ୍ଜୟ ଅଗ୍ରୱାଲ, ମହିଳା ସମିତି ଅଧ୍ୟକ୍ଷା ନିରୁ ଅଗ୍ରୱାଲ, ବାବୁଲାଲ ଖେଡିଆ, କହ୍ନେୟା ଅଗ୍ରୱାଲ ପ୍ରମୁଖ ସଦସ୍ୟଗଣ ସ୍ୱର୍ଗତ ଜୈନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଖଲିଆପାଲି ଭୀମଭୋଇ ସମାଧି ପୀଠ ମେନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲ ଏବଂ କୋଭିଡ୍ ଯୋଦ୍ଧା ମନୀଷ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା ।

# ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ

**ଅମରପାଲି, ୧୭।୪ (ଡି.ଏନ.ଏ.)**

ବୀରମହାରାଜପୁରରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବସଷ୍ଟାଣ୍ଡ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବିଜୁବାବୁଙ୍କ ଜୀବନୀ ଓ ସାହସିକତା ଉପରେ ଉପସ୍ଥିତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ଆମ୍ବା ଅଧ୍ୟକ୍ଷ ଆଲୋକ ଦେହୁରୀ, ଆଇନଜୀବୀ ପ୍ରଦୀପ ମିଶ୍ର, ଶ୍ରୀନିବାସ ଚାନ୍ଦ, ସତ୍ୟଜିବ ମିଶ୍ର, ଜିଲା ଛାତ୍ର ବିଜେଡି ଉପସଭାପତି ଶୈଳରଞ୍ଜନ ବାଦୀ ପ୍ରମୁଖ ମତବ୍ୟକ୍ତ କରିଥିଲେ ।

# ଶଟ୍‌ଡାଉନରେ ଶୁନଶାନ୍


ବରଗଡ଼ ସହର ମୁଖ୍ୟରାସ୍ତା ଶୂନଶାନ ହୋଇ ପଡ଼ିଛି।

**ବରଗଡ଼ ଅଫିସ୍,୧୭।୪**

ବରଗଡ଼ ଜିଲାର ସହରାଞ୍ଚଳରେ ଶନିବାରରୁ ସପ୍ତାହାନ୍ତ ଶଟ୍‌ଡାଉନ ଆରମ୍ଭ ହୋଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ପ୍ରତି ସପ୍ତାହର ଶନିବାର, ରବିବାର ଏହା ବଳବତ୍ତର ରହିବ। ଶଟ୍ ଡାଉନ ଯୋଗୁ ଶନିବାର ସକାଳୁ ରାସ୍ତାଘାଟ ଶୁନଶାନ ହୋଇ ପଡ଼ିଥିଲା। ସେହିପରି ଯାତ୍ରୀବାହୀ ବସ୍ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଅଳ୍ପ କେତେକ ସରକାରୀ ଯାତ୍ରୀବାହୀ ବସ୍‌କୁ ଛାଡ଼ି ଦେଲେ ଅନ୍ୟ ବସ୍ ଗୁଡ଼ିକ ବସ୍‌ଷ୍ଟାଣ୍ଡରେ ରହିଥିଲା। ସେହିପରି ଦୁଗ୍ଧ, ଫଳ ଷ୍ଟଲ, ଔଷଧ ଦୋକାନକୁ ଛାଡ଼ି ଦେଲେ ଅନ୍ୟ ଦୋକାନ ବନ୍ଦ ରହିଥିଲା । ଜର୍ଜ ହାଇସ୍କୁଲ ପଡ଼ିଆରେ ପରିବା ବଜାର ମାନ୍ଦା ପଡ଼ିଥିବାବେଳେ ହାଟପଦାସ୍ଥିତ ବଜାର ବନ୍ଦ ରହିଥିବା ପରିଲକ୍ଷିତ ହୋଇଥିଲା। ସେହିପରି ପୋଲିସ ପଇଁତରା ମାରି ଅମାନିଆଙ୍କୁ ସଚେତନ କରୁଥିବା ବେଳେ ସନ୍ଧ୍ୟା ୬ଟାରୁ ନାଇଟ୍ କର୍ଫ୍ୟୁ ଲାଗୁ ହୋଇଛି। ଜିଲାର ବରଗଡ଼ ପୌରାଞ୍ଚଳ ସମେତ ଅତାବିରା, ବରପାଲି, ବିଜେପୁର, ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଏହି କଟକଣା ଲାଗୁ ହୋଇଥିବା ବେଳେ ଜିଲାର ଗ୍ରାମାଞ୍ଚଳରେ ରାତି ୧୦ଟାରୁ ପରଦିନ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଲାଗୁ ହୋଇଛି ।

# ବହିରାରେ ରାତ୍ରିକାଳୀନ ଗ୍ରାମାଞ୍ଚଳସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

**ବାଉଁଶୁଣୀ,୧୭।୪(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବହିରା ଯୁବକ ସଂଘ ଆନୁକୂଲ୍ୟରେ ବହିରା ଖେଳପଡିଆଠାରେ ଏକ ଦିବସୀୟ ରାତ୍ରିକାଳୀନ ଗ୍ରାମାଞ୍ଚଳସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୧୦ ଗୋଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳ ଦନ୍ତାପାଲି ଓ କାଶଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦନ୍ତାପାଲି ଦଳ ମାତ୍ର ୫ ରନରେ ବିଜୟୀ ହୋଇ ଟୁର୍ନାମେଣ୍ଟ ଚାମ୍ପିୟାନ ହୋଇଥିଲା। ଅମ୍ପାୟାର ଭାବରେ ଖେଳକୁ ପିଙ୍କୁ ମହାଲିକ ଓ ସୁନ୍ଦୁ ଚିରୁଗୁଣି ପରିଚାଳନା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲା ଭାଜପା ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବାଘ ଓ ସମ୍ମାନିତ ଅତିଥି ଭାବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୟୋଧର ମହାକୁଳ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଅଜିତ୍ ଦାଶ, ଲୁଲୁ ମହାକୁଳ, ରାଜେଶ ସାହୁ, ନକୁଳ ପ୍ରଧାନ, ବ୍ରଜ କିଶୋର ଦାସ ଓ ନେପାଳ ନାଏକ ପ୍ରମୁଖ ସହଯୋଗ କରିଥିଲେ।


ଖେଳାଳି ଓ ଅନ୍ୟମାନେ।

# ସର୍ଗିଗୁଡ଼ା ଗ୍ରାମ୍ୟ କମିଟିକୁ କେନ୍ଦୁପତ୍ର ବିକିଲେ ତୋଳାଳି

**କୋକସରା,୧୭।୪ (ଡି.ଏନ.ଏ)**


ତୋଳାଳିମାନେ ଗ୍ରାମ୍ୟ କମିଟିକୁ କେନ୍ଦୁପତ୍ର ବିକ୍ରି କରୁଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡା ପଞ୍ଚାୟତ ସର୍ଗିଗୁଡା ଗ୍ରାମର କେନ୍ଦୁପତ୍ର ତୋଳାଳିମାନେ ଚଳିତବର୍ଷ ସର୍ଗିଗୁଡା ଜଙ୍ଗଲ ଅଧିକାର ଗ୍ରାମ୍ୟ କମିଟି ଜରିଆରେ କେନ୍ଦୁପତ୍ର ବିକ୍ରି କରିଛନ୍ତି । ପୂର୍ବରୁ ତୋଳାଳିମାନେ କେନ୍ଦୁପତ୍ର ବନ ବିଭାଗ ନିକଟରେ ବିକ୍ରି କରି ଆସୁଥିଲେ। ଉକ୍ତ ଗ୍ରାମ୍ୟ କମିଟି ଶନିବାରରୁ କେନ୍ଦୁପତ୍ର କ୍ରୟ ଆରମ୍ଭ କରିଛି । ଶନିବାର ଗ୍ରାମର ଶହେରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ଶ୍ରମିକ ପରିବାର ପ୍ରଥମ ପର୍ଯ୍ୟାୟରେ କେନ୍ଦୁପତ୍ର ବିକ୍ରି କରିଛନ୍ତି । ପୂର୍ବରୁ ଶହେ କେରି କେନ୍ଦୁପତ୍ର (୧୦୦ ବିଡା)କୁ ସରକାରୀ ମୂଲ୍ୟ ୧୨୦ ଟଙ୍କା ମିଳୁଥିବା ବେଳେ ଗ୍ରାମ୍ୟ କମିଟି ୨ଶହ ଟଙ୍କା ଦେବାକୁ ଧାର୍ଯ୍ୟ କରିଥିବା ଜଣାପଡ଼ିଛି। ସେହିପରି ଆଗରୁ ପାରିଶ୍ରମିକ ମିଳିବା ପାଇଁ ମାସ ମାସ ଅପେକ୍ଷା କରିବାକୁ ପଡୁଥିଲା । କିନ୍ତୁ ଗ୍ରାମ୍ୟ କମିଟି ପ୍ରତିଦିନ କେନ୍ଦୁପତ୍ର ବିକ୍ରି ବାବଦ ପାରିଶ୍ରମିକ ଦେବାକୁ ପ୍ରତିଶ୍ରୁତି ଦେଇଥିବା କେନ୍ଦୁପତ୍ର ବିକ୍ରି କରିବାକୁ ଆସିଥିବା ଜେମା ମାଝୀ, ସନ୍ତରା ମାଝୀ, ଲକ୍ଷ୍ମୀ ମାଝୀ, ସେବତୀ ମାଝୀ, ଟେବା ରାଉତ, ଉପାସି ମାଝୀ, ଜୟନ୍ତୀ ପୁଝାରି, ଚଞ୍ଚଳା ମାଝୀ, ସୁନ୍ଦରିକା ମାଝୀ ପ୍ରମୁଖ ମହିଳାମାନେ କହିଛନ୍ତି । ଏପଟେ କେନ୍ଦୁପତ୍ର ଗ୍ରାମ୍ୟ କମିଟି ଦ୍ୱାରା କ୍ରୟ ହେଉଥିବା ଖବର ପାଇ କେନ୍ଦୁପତ୍ର ବିଭାଗର ମହିଳା ଫରେଷ୍ଟର ଶ୍ରୁତିସୁଧା ବର୍ଗତି ପହଞ୍ଚି ଗ୍ରାମ୍ୟ କମିଟିକୁ କେନ୍ଦୁପତ୍ର କ୍ରୟ ପାଇଁ ସରକାର ଦେଇଥିବା ଅନୁମତି ପତ୍ର ଦେଖାଇବାକୁ କହିଥିଲେ। ତେବେ ତାହା ବର୍ତ୍ତମାନ ସୁଦ୍ଧା ମିଳି ନ ଥିବା ଗ୍ରାମ୍ୟ କମିଟିର ସଦସ୍ୟମାନେ କହିଥିଲେ । ଫଳରେ କେନ୍ଦୁପତ୍ର କ୍ରୟ ବନ୍ଦ କରିବାକୁ ଫରେଷ୍ଟର କହିଥିଲେ । କିନ୍ତୁ ଗ୍ରାମ୍ୟ କମିଟି କ୍ରୟ ଜାରି ରଖିଥିଲେ। ଏନେଇ ଫରେଷ୍ଟରଙ୍କୁ ପଚାରିବାରେ ବିନା ସରକାରୀ ଅନୁମତିରେ ଗ୍ରାମ୍ୟ କମିଟି କେନ୍ଦୁପତ୍ର କ୍ରୟ କରିଛି। ଏ ନେଇ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ସର୍ଗିଗୁଡା ଜଙ୍ଗଲ ଅଧିକାର ଗ୍ରାମ୍ୟ କମିଟିର ସଭାପତି ଧନବଲ ମାଝୀ, ସମ୍ପାଦକ ନିରନ ଦିସାରୀ, କୋଷାଧ୍ୟକ୍ଷ ଶିବ ମାଝୀ, କୃତ୍ତିବାସ ମାଝୀ, ନକୁଳ ମାଝୀ, ସହଦେବ ମାଝୀ, ଘାସିରାମ ମାଝୀ, ଭଗବାନ ଦିସାରି, ଯଶୋଦା ନାଏକ, ତିଲୋତ୍ତମା ମାଝୀ ପ୍ରମୁଖ ଉପସ୍ଥିତ ରହି ପ୍ରଥମ ପର୍ଯ୍ୟାୟ କେନ୍ଦୁପତ୍ର କ୍ରୟରେ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୮ ଏପ୍ରିଲ, ୨୦୨୧

## କୋଭିଡ୍ ସ୍ଥିତିକୁ ଦେଖି ବନ୍ଦ ଘୋଷଣା କଲେ ସରପଞ୍ଚ

ଲାଠୋର,(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋରରେ ଦିନକୁ ଦିନ କୋଭିଡ ପରିସ୍ଥିତି ଭୟଙ୍କର ହେଉଛି। ଏହାକୁ ଲକ୍ଷ୍ୟ କରି ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଶନିବାର କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଏପ୍ରିଲ ୧୭ତାରିଖଠାରୁ ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଦିନ ୨ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରଖିବାକୁ ଘୋଷଣା କରିଛନ୍ତି। ଏଥିସହିତ ପ୍ରତି ରବିବାର ଦୋକାନ ବଜାର ତଥା ହାଟକୁ ବନ୍ଦ ଘୋଷଣା କରାଯାଇଛି। ସରପଞ୍ଚଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।



## ସଂକ୍ଷେପରେ

### ଯୁଦ୍ଧକାଳୀନ ଭିତ୍ତିରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ଖୋଲାଯାଉ

**ବଲାଙ୍ଗୀର ଅଫିସ, ୧୭।୪:** ଓଡ଼ିଶାର କୋଶଳ ଅଞ୍ଚଳରେ କରୋନାର ଦ୍ୱିତୀୟ ଲହର ସାଂଘାତିକ ରୂପ ଧାରଣ କଲାଣି। ଛତିଶଗଡ଼ ସୀମାକୁ ଲାଗିଥିବା ଜିଲାଗୁଡ଼ିକର ସ୍ଥିତି ଅତି ଭୟାବହ। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ରାଜ୍ୟ ସରକାର ୧୦ଟି ଜିଲାରେ ରାତ୍ରିକାଳୀନ କର୍ଫ୍ୟୁ ଜାରି କରିବା ସହ ସାପ୍ତାହିକ ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରିଛନ୍ତି। କିନ୍ତୁ ଏତିକିରେ କାମ ଚଳିବ ନାହିଁ। ଏଭଳି ସ୍ଥିତିକୁ ଆଖି ଆଗରେ ରଖି ରାଜ୍ୟ ସରକାର ଏହି ଅଞ୍ଚଳକୁ କରୋନା ପ୍ରବଣ ଅଞ୍ଚଳ ରୂପେ ଘୋଷଣା କରି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଅନ୍ତୁ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଦାବି କରିଛନ୍ତି। କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଜାରି ପ୍ରେସ୍ ବିବୃତିରେ ମିଶ୍ର କୋଶଳାଞ୍ଚଳର ସବୁ ଜିଲା ତଥା ସବ୍‌ଡିଭିଜନରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ପୁଣି ଥରେ ସ୍ଥାପନ କରିବା ସହ ଅଧିକ ସଂଖ୍ୟକ ଶଯ୍ୟା, ଭେଣ୍ଟିଲେଟର, ଅକ୍ସିଜେନ୍ ସିଲିଣ୍ଡର, ଔଷଧ ଓ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହାଛଡ଼ା ଭ୍ରାମ୍ୟମାଣ କରୋନା ପରୀକ୍ଷାଗାର ତଥା ପ୍ରତି ପଞ୍ଚାୟତ ଓ ମ୍ୟୁନିସିପାଲିଟିର ପ୍ରତି ୱାର୍ଡରେ କରୋନା ପରୀକ୍ଷା ବ୍ୟବସ୍ଥା, ଛଟେଇ କରୋନା ଯୋଦ୍ଧା (ଅସ୍ଥାୟୀ ସ୍ୱାସ୍ଥ୍ୟକର୍ମୀ) ମାନଙ୍କୁ ପୁଣି ଥରେ ନିଯୁକ୍ତି, କରୋନା ପ୍ରତିଷେଧକ ଟିକାକରଣକୁ ବହୁଗୁଣିତ କରିବା ସହ ସ୍ୱତନ୍ତ୍ର ଭାବରେ ଛାତ୍ରୀଛାତ୍ରମାନଙ୍କୁ ଓ କାର୍ଯ୍ୟାଳୟରେ କର୍ତ୍ତବ୍ୟରତ କର୍ମଚାରୀମାନଙ୍କୁ ଅଗ୍ରାଧିକାରଭିତ୍ତିରେ ଟିକା ଦେବାକୁ ସେ ଦାବି କରିଛନ୍ତି। କୋଶଳାଞ୍ଚଳର କରୋନା ପରିସ୍ଥିତିର ଭୟାବହତା ଦୃଷ୍ଟିରୁ ଏଠାରେ ସ୍ୱତନ୍ତ୍ର ଭାବେ ସଚିବସ୍ତରୀୟ କମିଟି ଗଠନ କରି ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରୋନା ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି। କରୋନା ପରିସ୍ଥିତି ଯୋଗୁ କାମଧନ୍ଦା ହରାଉଥିବା ଗରିବ ଲୋକଙ୍କ ଥଇଥାନ ପାଇଁ ଆର୍ଥିକ ଅନୁଦାନ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ମିଶ୍ର ଅନୁରୋଧ କରିଛନ୍ତି।

### ଟିଟିଲାଗଡ଼ ସହର ଶୂନ୍‌ଶାନ

**ଟିଟିଲାଗଡ଼, ୧୭।୪(ଡି.ଏନ.ଏ.):** ଗତ ଆଠ ଦିନ ମଧ୍ୟରେ ଟିଟିଲାଗଡ଼ ଅଞ୍ଚଳରେ ୧୧୭ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଦୈନନ୍ଦିନ ସଂକ୍ରମିତଙ୍କ ସଂଖ୍ୟାରେ ବୃଦ୍ଧି ଘଟୁଥିବା ଚିନ୍ତାର କାରଣ ସାଜିଛି। ଶନିବାରଠାରୁ ଦୁଇଦିନ ପାଇଁ ସପ୍ତାହାନ୍ତ ଶଟ୍‌ଡାଉନ ଆରମ୍ଭ ହୋଇଥିବା ବେଳେ ଟିଟିଲାଗଡ଼ ପୌରାଞ୍ଚଳରେ ରାସ୍ତାଘାଟ ଶୂନ୍‌ଶାନ ପରିଲକ୍ଷିତ ହୋଇଥିଲା। ତହସିଲଦାର ତଥା ଭାରପ୍ରାପ୍ତ ମାଜିଷ୍ଟ୍ରେଟ ପ୍ରେମଲାଲ ହିଆଲଙ୍କ ନେତୃତ୍ୱରେ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ଏସ୍‌ଆଇ ସାବିତ୍ରୀ ଖାକା, ଏସ୍‌ଆଇ କେ. ଛତ୍ରିଆ, ଏଏସ୍‌ଆଇ ଖାମ ସିଂ ମାଝି ଶଟ୍‌ଡାଉନ ବ୍ୟବସ୍ଥାର ତଦାରଖ କରିଥିଲେ।

### ଟିକା ଅଭାବରୁ ଟିକାକରଣ ବନ୍ଦ

**ଜାମଟିକ୍ରା, ୧୭।୪ (ଡି.ଏନ.ଏ):** ଟିକା ଅଭାବରୁ ଅତାବିରା ବ୍ଲକରେ କୋଭିଡ ଟିକାକରଣ ଗତ ଶୁକ୍ରବାରଠାରୁ ବନ୍ଦ ରହିଛି। ଫଳରେ ଟିକା ନେବାକୁ ଆସିଥିବା ଶହ ଶହ ଲୋକ ଫେରିଥିବା ଦେଖିବାକୁ ମିଳିଛି। ଅତାବିରା ବ୍ଲକ ଅଞ୍ଚଳରେ ବର୍ତ୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଲୋକେ ଭୟଭୀତ ହୋଇପଡିଛନ୍ତି। ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଜାନୁୟାରୀ ୧୮ରୁ ଟିକାକରଣ ଆରମ୍ଭ ହୋଇ ଏ ପର୍ଯ୍ୟନ୍ତ ୧୬ ହଜାର ୮୯୮ ଜଣଙ୍କୁ ଟିକା ଦିଆଯାଇଛି। ପାହାଡଶ୍ରୀଗିଡା, କାଦୋବାହାଲ ଓ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବ୍ୟତୀତ ଭ୍ରାମ୍ୟମାଣ ଦଳ ସିଲାଟ, ଟାଙ୍ଗରପାଲି, ଗୋଡଭଗା, ଲହଣ୍ଡା, କୁମେଲସିଂହା, ଦୁଲମପୁର ଓ ତାଲବି ଗ୍ରାମରେ ଟିକାକରଣ କରୁଥିଲେ। ଗତ ୧୩ ତାରିଖରେ ସର୍ବାଧିକ ୧୦୪୮ ଜଣଙ୍କୁ ଟିକାକରଣ କରାଯାଇଛି। ଟିକା ଅଭାବ ସମ୍ପର୍କରେ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରବିନାରାୟଣ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ଟିକା ଅଭାବରୁ କେନ୍ଦ୍ର ବନ୍ଦ ଅଛି। ଟିକାକରଣ କେବେ ଆରମ୍ଭ ହେବ ମୋ ପାଖରେ କୌଣସି ସୂଚନା ନାହିଁ ବୋଲି ସେ କହିଥିଲେ।

# ଫେରିଲା ଶଟ୍‌ଡାଉନ, ବଢ଼ିଲା ଚିନ୍ତା

**ବଲାଙ୍ଗୀର ଅଫିସ, ୧୭।୪**

କରୋନା ଦ୍ୱିତୀୟ ଲହର ହୁ ହୁ ହୋଇ ବଢ଼ିବା ପରେ ପୁଣି ଥରେ ଶଟ୍‌ଡାଉନ୍ ଫେରିଛି। ବଲାଙ୍ଗୀର ଜିଲାରେ ଶନିବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ସପ୍ତାହନ୍ତ ଶଟ୍‌ଡାଉନ୍ । ଶନିବାର ସକାଳୁ ଶୁନଶାନ୍ ହୋଇଯାଇଥିଲା ବଲାଙ୍ଗୀର ସହର ସମେତ ଜିଲାର ୫ଟି ସହରାଞ୍ଚଳ ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି ଓ ତୁଷରା।ଶଟ୍‌ଡାଉନ୍‌ଯୋଗୁଁଅତ୍ୟାବଶ୍ୟକ ଓ ଜରୁରୀ ସେବାକୁ ବାଦ୍ ଦେଇ ଅନ୍ୟ ସବୁ ବନ୍ଦ ରହିଥିଲା । ସମସ୍ତ ଦୋକାନ ବଜାର, ଗାଡିମୋଟର ଚଳାଚଳ, ସ୍କୁଲ, କଲେଜ, ବ୍ୟାଙ୍କ, ଅଫିସ, ଡାକଘର, ବୀମା ପ୍ରତିଷ୍ଠାନ ବନ୍ଦ ରହିଥିଲା । ବିଭିନ୍ନ ଛକ ଓ ରାସ୍ତାରେ ପୋଲିସ ପାଟ୍ରୋଲିଂ କରୁଥିବା ଦେଖାଯାଇଥିଲା ।

କରୋନା ଦ୍ୱିତୀୟ ଲହର ବଲାଙ୍ଗୀର ଜିଲାରେ ତାର ପ୍ରଭାବ ଦେଖାଇବା ଆରମ୍ଭ କରିଛି । ଗତ ମାର୍ଚ୍ଚ ୨୩ ତାରିଖରେ ଜିଲାରେ ମାତ୍ର ୩୦ଜଣ କରୋନା ସକ୍ରିୟ ସଂକ୍ରମିତ ରହିଥିଲେ। ଗତ ଏପ୍ରିଲ ୩ ତାରିଖ ସୁଦ୍ଧା ଜିଲାରେ ୧୦୧ଜଣ ସକ୍ରିୟ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏପ୍ରିଲ ୧୦ରେ ସକ୍ରିୟ ସଂଖ୍ୟା ୨୩୦ ଏବଂ ୧୬ତାରିଖରେ ଏହା ୭୧୯ରେ ପହଞ୍ଚିଛି। ଯେଉଁ ହାରରେ ସଂକ୍ରମିତଙ୍କ ସଂଖ୍ୟା ବଢୁଛି ତାହା ସମସ୍ତଙ୍କୁ ଚିନ୍ତାରେ ପକାଇଛି।



ବଲାଙ୍ଗୀର ସହର ଶଟ୍‌ଡାଉନ ଯୋଗୁ ଶୁନଶାନ୍ ହୋଇଯାଇଛି ।

- ଦୋକାନ, ବଜାର, ଗାଡିମୋଟର, ଅଫିସ ବନ୍ଦ
- ନୂଆ ୯୨ ସଂକ୍ରମିତ ଚିହ୍ନଟ, ଜିଲାରେ ସକ୍ରିୟ ମାମଲା ୭୧୯
- ଚିନ୍ତାରେ ଖଟିଖିଆ, ଦିନ ମଜୁରିଆ, ଗରିବ, ମଧ୍ୟବର୍ଗ

ସରକାରୀ ନିର୍ଦ୍ଦେଶ ଅନୁସାରେ ଶଟ୍‌ଡାଉନ୍ ଯୋଗୁଁ ସହରାଞ୍ଚଳରେ କୋଭିଡ ଟୀକାକରଣ କାର୍ଯ୍ୟକ୍ରମକୁ ମଧ୍ୟ ବନ୍ଦ କରାଯାଇଥିବା ସିଡିଏମ୍‌ଓ ଡା ଭୀମ ସାହୁ ସୂଚନା ଦେଇଛନ୍ତି । ସପ୍ତାହକୁ ଶନିବାର ଓ ରବିବାର ଦୁଇଦିନ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ଘୋଷଣା ପରେ ପୁଣି ଥରେ ଜିଲାର ଗରିବ, ଖଟିଖିଆ ଦିନମଜୁରିଆ ଓ ମଧ୍ୟମବର୍ଗ ଚିନ୍ତାରେ ପଡିଛନ୍ତି । ଗତବର୍ଷ କରୋନା ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁଁ ଏହି ବର୍ଗ ଘୋର ଆର୍ଥିକ ଓ ସାମାଜିକ କଷଣର ଶିକାର ହୋଇଥିଲେ । ସେମାନଙ୍କ ଅଣ୍ଟା ସଳଖି ନଥିବାବେଳେ ପୁଣି ଥରେ ଦ୍ରୁତ୍ ସଂକ୍ରମଣ ଓ ଶଟ୍‌ଡାଉନ୍ ଲୋକଙ୍କୁ ଭୟଭୀତ କରିଦେଲାଣି । ଶନିବାର ସକାଳୁ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ବଲାଙ୍ଗୀର ସହରର ବିଭିନ୍ନ ମୁଖ୍ୟ ରାସ୍ତା ଓ ଛକରେ ପାଟ୍ରୋଲିଂ କରିଥିଲେ । ଶଟ୍‌ଡାଉନ୍ ଯୋଗୁଁ ସାରା ସହର ପୁଣି ଥରେ ନୀରବତା ଖେଳିଯାଇଥିଲା। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ କିଛି ଦୋକାନ ଖୋଲାରହିଥିଲା। ଗାଡିମୋଟର ବନ୍ଦ ହୋଇଯାଇଥିବାରୁ ରାସ୍ତାଘାଟ ଖାଁ ଖାଁ ଦେଖାଯାଇଥିଲା । କରୋନା ସଂକ୍ରମଣ ହାର ବୃଦ୍ଧି ପରେ ବିଭିନ୍ନ ରାଜ୍ୟରେ ପାଠ ପଢୁଥିବା ଛାତ୍ରୀଛାତ୍ର ଓ ଶ୍ରମିକମାନେ ପୁଣି ଥରେ ଜିଲା ମୁହାଁ ହେଲେଣି ।

## ବଢ଼ିଲା ପ୍ରବାସୀ ଶ୍ରମିକଙ୍କ ଦୁଃଖ

**ବରଗଡ଼ ଅଫିସ୍,୧୭।୪**

- ଯାତ୍ରୀବାହୀ ଗାଡ଼ି ନ ପାଇ ହଟହଟା
- ସୀମା ପର୍ଯ୍ୟନ୍ତ ପଠାଇଲା ପ୍ରଶାସନ

କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ପ୍ରତିହତ କରିବା ପାଇଁ ପଡ଼ୋଶୀ ଛତିଶଗଡ଼ ଭଳି କେତେକ ରାଜ୍ୟରେ ଲକ୍ ଡାଉନ କଟକଣା ଲାଗୁ ହୋଇଛି। ଅନ୍ୟପଟେ ଓଡ଼ିଶାରେ ଶନିବାର, ରବିବାର ସପ୍ତାହନ୍ତ ଶଟ୍ ଡାଉନ କଟକଣା ଆରମ୍ଭ ହୋଇଛି। ଏହାପରେ ପ୍ରବାସୀ ଶ୍ରମିକଙ୍କ ଦୁଃଖ ବଢ଼ିବାରେ ଲାଗିଛି। ଶନିବାର ବରଗଡ଼ ସହରରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ଛତିଶଗଡ଼ ଅଭିମୁଖେ ଫେରୁଥିବା ପ୍ରବାସୀ ଶ୍ରମିକଙ୍କୁ ଶଟ୍ ଡାଉନ କଟକଣା ଯୋଗୁ ହଟହଟା ହେବାକୁ ପଡ଼ିଥିଲା। ଏ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବାରୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ସେମାନଙ୍କୁ ଛତିଶଗଡ଼ ସୀମ ପର୍ଯ୍ୟନ୍ତ ପଠାଯାଇଥିଲା।

ଗତ କିଛିଦିନ ତଳେ ଛତିଶଗଡ଼ର ୪୫ଜଣ ଶ୍ରମିକ ନିଜ ପିଲାଛୁଆ ଧରି ବାଲେଶ୍ୱରକୁ ଇଟା ଗଢ଼ିବାକୁ ଯାଇଥିଲେ। କରୋନା କଟକଣା କଡାକଡି ହେଉଥିବାରୁ ଇଟାଭାଟି ମାଲିକ ସେମାନଙ୍କୁ ଘରକୁ ଯିବା ପାଇଁ କହିଥିଲେ। ଫଳରେ ପ୍ରବାସୀ ଶ୍ରମିକମାନେ ଶୁକ୍ରବାର ଏକ ରାତ୍ରିକାଳୀନ ଘରୋଇ ଯାତ୍ରୀବାହୀ ବସ୍ ଯୋଗେ ଆସି ବରଗଡ଼ ଘରୋଇ ବସ୍‌ଷ୍ଟାଣ୍ଡରେ ଓହ୍ଲାଇଥିଲେ। ଛତିଶଗଡ଼କୁ ଯାତ୍ରୀବାହୀ ବସ୍ ସେବା ବନ୍ଦ ଥିବାବେଳେ ଶନିବାର ଶଟ୍ ଡାଉନ ଥିଲା। ଫଳରେ ଛତିଶଗଡ଼ ଫେରିବା ଏହି ଶ୍ରମିକମାନଙ୍କ ପାଇଁ କଷ୍ଟକର ହୋଇ ପଡ଼ିଥିଲା। ସ୍ଥାନୀୟ କେତେକ ସଚେତନ ନାଗରିକ ଏହା ଦେଖିବା ପରେ ଘଟଣା ସମ୍ପର୍କରେ ପଚରାଉଚୁରା କରି ସେମାନଙ୍କୁ ଖାଇବାକୁ ଦେଇଥିଲେ। ଏହାପରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯାଇଥିଲା ଏବଂ ସେମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ଛତିଶଗଡ଼ ସୀମ ପର୍ଯ୍ୟନ୍ତ ପଠାଇ ଦିଆଯାଇଥିଲା ।



ପ୍ରବାସୀ ଶ୍ରମିକଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ଛତିଶଗଡ଼ ସୀମା ପର୍ଯ୍ୟନ୍ତ ନିଆଯାଉଛି।



ବରଗଡ଼ ଜିଲା ସୀମାନ୍ତ ଅମ୍ବାଭୋନା ବ୍ଲକ ରୁଚିଦା ଫରେଷ୍ଟ ଫାଟକ।

## ସୀମାନ୍ତ ମୁକୁଳା, ସହରରେ କଡ଼ାକଡ଼ି

**ବରଗଡ଼ ଅଫିସ୍/ଅମ୍ବାଭୋନା,୧୭।୪**

ବରଗଡ଼ ଜିଲାରେ କରୋନା (କୋଭିଡ୍–୧୯) ସଂକ୍ରମଣ ଅଣାୟତ୍ତ ହୋଇ ପଡ଼ିଛି। ଛତିଶଗଡ଼ରେ କରୋନା ସଂକ୍ରମଣ, ମୃତକଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ବରଗଡ଼ ଜିଲାର ସୀମାନ୍ତ କେତେକ ଗ୍ରାମରେ ମଧ୍ୟ ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ଅନ୍ୟପଟେ କରୋନା କଟକଣାରେ ସୀମାନ୍ତ ଗ୍ରାମାଞ୍ଚଳ ବଦଳରେ ସହରାଞ୍ଚଳକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସହରାଞ୍ଚଳରେ ସପ୍ତାହନ୍ତ ଶଟ୍ ଡାଉନ ବଳବତ୍ତର ରହିଛି। କିନ୍ତୁ ଅଧିକ ସଂକ୍ରମଣ ଭୟ ରହିଥିବା ସୀମାନ୍ତ ଅଞ୍ଚଳକୁ ଏଥିରୁ ବାଦ୍ ଦିଆଯାଇଛି। ସେହିପରି ନାଇଟ୍ କର୍ଫ୍ୟୁ ମଧ୍ୟରେ ସହରାଞ୍ଚଳର ଅବଧି ଗ୍ରାମାଞ୍ଚଳ ଅପେକ୍ଷା ଅଧିକ ୪ଘଣ୍ଟା ରହିଛି । କେବଳ ସୀମାନ୍ତର କେତେକ ନିର୍ଦ୍ଦିଷ୍ଟ ମୁଖ୍ୟରାସ୍ତାରେ ପୋଲିସ ଡେରା ପକାଇଥିବାବେଳେ ଅନେକ ବାଇପାସ୍ ରାସ୍ତା ମୁକୁଳା ପଡ଼ିଛି। ସେହି ରାସ୍ତା ଦେଇ ଜିଲାର ଲୋକେ ଛତିଶଗଡ଼ ସହିତ ଯୋଗାଯୋଗ ଜାରି ରଖିଥିବା ଦେଖିବାକୁ ମିଳିଛି। ଏହା ଜିଲା ପାଇଁ ଆହୁରି ଘାତକ ପରିସ୍ଥିତି ସୃଷ୍ଟି କରିବା ଆଶଙ୍କା କରାଯାଉଛି ।

ଗତ କିଛିଦିନ ହେଲା ଜିଲାର ଆକ୍ରାନ୍ତଙ୍କ ସଂଖ୍ୟା ଶହେରୁ ତଳକୁ ଖସୁନାହିଁ। ଶନିବାର ୧୫୬ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୨ହଜାର ୬୪କୁ ପହଞ୍ଚିଛି। ସେଥିମଧ୍ୟରୁ ୧୧ହଜାର ୧୪୩ଜଣ ଆରୋଗ୍ୟ ଲାଭ କରିଥିବାବେଳେ ୪୨ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୮୭୯ଜଣ ସକ୍ରିୟ ଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି। ସକ୍ରିୟ ରହିଥିବା ଏହି ଆକ୍ରାନ୍ତ ସୀମାନ୍ତ ଅମ୍ବାଭୋନା, ସୋହେଲା, ଝାରବନ୍ଧ ଆଦି ଅଞ୍ଚଳର ବୋଲି ଜଣାପଡିଛି। ଜିଲାରେ ଏଥର ସଂକ୍ରମଣ ସୀମାନ୍ତ ପଟୁ ଆରମ୍ଭ ହୋଇଥିଲା। ମାତ୍ର ସହରାଞ୍ଚଳ ଭଳି ସୀମାନ୍ତ ଗ୍ରାମଗୁଡ଼ିକରେ କଟକଣା କଡ଼ାକଡ଼ି ହୋଇନାହିଁ । ଜିଲାର ସୀମାନ୍ତ ସୋହେଲା ଥାନା ଲୁହୁରାଚଟି, ଝାରବନ୍ଧ, ଅମ୍ବାଭୋନାର ରୁଚିଦା ଫରେଷ୍ଟ ଫାଟକରେ ଯାଞ୍ଚ କରାଯାଉଛି। କିନ୍ତୁ ରିସୋଡ଼ାରୁ କୁମ୍ଭୋ, କେନାଡ଼ିପାରୁ ସାନ ସରାଇପାଲି, ମଧୁଡ଼ିପାରୁ ବିରଜୁପାଲି, ନୂଆପଡ଼ାରୁ ବଡ଼ଧରା, ଲୁକାପଡ଼ାରୁ ବରଙ୍ଗାକୋଟ୍, ଗଣ୍ଡିଆପାଲି, ସଂକରାରୁ କପାଶିରା ଆଦିପଥ ଦେଇ ଛତିଶଗଡ଼ ପଟୁ ଲୋକମାନେ ବରଗଡ଼ ଜିଲାକୁ ପ୍ରବେଶ କରୁଥିବା ସ୍ଥାନୀୟ ଲୋକେ କହୁଛନ୍ତି । ଛତିଶଗଡ଼ ପଟୁ ଏଭଳି ଅବାଧ ପ୍ରବେଶ ଯୋଗୁ ସୀମାନ୍ତ ଗ୍ରାମଗୁଡ଼ିକରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମ୍ବାଭୋନା ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ୬୧ରେ ପହଞ୍ଚିଛି । ଏହି ବ୍ଲକର ସାନ ସରାଇପାଲି ଗ୍ରାମରେ ଦିନକରେ ୧୯ଜଣ ଏବଂ ଭୈନାତୋରା ଗ୍ରାମରେ ୭ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୀମାନ୍ତ ଗ୍ରାମ ହୋଇଥିବାରୁ ଛତିଶଗଡ଼ ସଂସ୍ପର୍ଶରେ ଆସି ଏଠାରେ ଏଭଳି ସଂକ୍ରମଣ ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ସୋହେଲା ଏବଂ ଝାରବନ୍ଧ ବ୍ଲକରେ ଅନୁରୂପ ଭାବେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ସୀମାନ୍ତ ଗ୍ରାମାଞ୍ଚଳ ପ୍ରତି ଏବେଠାରୁ ଦୃଷ୍ଟି ଦିଆ ନ ଗଲେ ସଂକ୍ରମଣ ବୃଦ୍ଧି ଆଗକୁ ଆହୁରି ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରିବ ।

## ନୂଆପଡ଼ା: ବ୍ୟବସାୟକୁ କରୋନା ମାଡ଼

**ନୂଆପଡା ଅଫିସ,୧୭।୪**

ଛତିଗଡରେ କରୋନା ସ୍ଥିତି ସାଂଘାତିକ ହେବା ପରେ ସେଠାରେ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହାର ପ୍ରଭାବ ନୂଆପଡା ଜିଲା ବ୍ୟବସାୟ ଉପରେ ପଡିଛି। ଜିଲାର ଖରିଆର ରୋଡ, ଉଦ୍ୟାନବନ୍ଧ, ଖଡିଆଳ, ସିନାପାଲିର ବ୍ୟବସାୟୀମାନେ ରାୟପୁର ସହର ଉପରେ ନିର୍ଭର କରିଥାନ୍ତି। ରାୟପୁରରୁ ଖରିଆର ରୋଡ, ନୂଆପଡା, କୁରୁମପୁରି, ତରବୋଡ, ଉଦ୍ୟାନବନ୍ଧ, କୋମନା, ଖଡିଆଳ, ବୋଡେନ ଓ ସିନାପାଲି ଆଦି ସ୍ଥାନକୁ ପ୍ରତ୍ୟହ ପନିପରିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ହୋଇଥାଏ। କିନ୍ତୁ ଲକ୍ ଡାଉନ୍ ପରେ ସାମଗ୍ରୀ ଯୋଗାଣ ବନ୍ଦ ହୋଇଛି। ଫଳରେ ବ୍ୟବସାୟୀ ଏବଂ ଖାଉଟିମାନେ ଚିନ୍ତିତ ହୋଇ ପଡିଛନ୍ତି। ରାୟପୁରରୁ ସାମଗ୍ରୀ ଆସୁ ନ ଥିବାରୁ କେତେକ ବ୍ୟବସାୟୀ ଚଢାଦରରେ ଜିନିଷପତ୍ର ବିକ୍ରି କରୁଥିବା ଅଭିଯୋଗ ହେଉଛି। ଜିଲାର ପ୍ରତି ସହରକୁ ଛତିଶଗଡ ରାୟପୁରରୁ ପନିପରିବା ଆସୁଥିଲା। ଏଠାକାର ଲୋକେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ବର୍ତ୍ତମାନ ବ୍ୟବସାୟୀମାନେ ହାତ ବାନ୍ଧି ବସିଛନ୍ତି। ସରକାର ଆନ୍ତଃ ରାଜ୍ୟ ଗାଡି ଚଳାଚଳ ଉପରେ କଟକଣା ଜାରି କରିଥିବାରୁ ବ୍ୟବସାୟୀ ମାନଙ୍କ ଉପରେ ଆହୁରି ପ୍ରଭାବ ପଡିବା ଆଶଙ୍କା ରହିଛି ।

## କରୋନାରେ ବିନିକା ରେଞ୍ଜରଙ୍କ ମୃତ୍ୟୁ

**ସୋନପୁର/ବିନିକା, ୧୭।୪(ନି.ପ୍ର./ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଫରେଷ୍ଟ ରେଞ୍ଜର(ବନାଞ୍ଚଳ ଅଧିକାରୀ) ପ୍ରେମରାଜ ଧରୁଆ(୫୨)ଙ୍କର ଶନିବାର ସମ୍ବଲପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେ କରୋନାରେ ପୀଡିତ ଥିଲେ। ଧରୁଆଙ୍କୁ ଗତ ଦୁଇ ସପ୍ତାହ ଧରି କାଶ ହେଉଥିଲା। ୪ ଦିନ ପୂର୍ବରୁ ସିନ୍ଦୁରପୁର ଅଞ୍ଚଳରେ ହାତୀପଲଙ୍କୁ ଘଉଡାଇବା କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଅସୁସ୍ଥ ହୋଇ ପଡିଥିଲେ। ପ୍ରେମରାଜ କରୋନା ସଂକ୍ରମିତ ହୋଇଥିବା ଶୁକ୍ରବାର ରିପୋର୍ଟରୁ ଜଣାପଡିଥିଲା।



ମୃତ ପ୍ରେମରାଜ ଧରୁଆ।

ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୃତ୍ୟୁ ଖବର ଜଣାପଡିବା ପରେ ବିନିକା ଓ ପ୍ରେମରାଜଙ୍କ ଘର ବଲାଙ୍ଗୀର ଜିଲା ଚୂଡାପାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଗତ ୩ ବର୍ଷ ହେବ ବିନିକାରେ ଡେପୁଟି ରେଞ୍ଜର ଓ ପରେ ପଦୋନ୍ନତି ପାଇ ରେଞ୍ଜରଭାବେ କାର୍ଯ୍ୟ କରୁଥିଲେ। ରେଞ୍ଜରଙ୍କ ମୃତ୍ୟୁରେ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ, ସହକାରୀ ବନ ସଂରକ୍ଷକ ସୁଶିଲ କୁମାର ତ୍ରିପାଠୀ ଓ ବନ ବିଭାଗର କର୍ମଚାରୀମାନେ ଗଭୀର ଶୋକପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ରେଞ୍ଜର ଶୁକ୍ରବାର ପର୍ଯ୍ୟନ୍ତ କାର୍ଯ୍ୟରତ ଥିବାରୁ କର୍ମଚାରୀ ଓ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି। ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। କିଛି ଦିନ ହେବ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି । ଏଥି ଯୋଗୁଁ ଜିଲାବାସୀ ଏବେ ଚିନ୍ତାରେ ଅଛନ୍ତି।

### ବିନିକା ଏନ୍‌ଏସି : ୩କରୋନା ରୋଗୀ ଚିହ୍ନଟ

**ବିନିକା,୧୭।୪(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଅଞ୍ଚଳରେ ଶନିବାର ପୁଣି ୩ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ କରୋନାର ଦ୍ୱିତୀୟ ଲହରରେ ଏହି ଅଞ୍ଚଳର ୧୧ଜଣ ସଂକ୍ରମିତ ଚିହ୍ନଟ ହେଲେଣି । ଆକ୍ରାନ୍ତମାନେ ହୋମ ଆଇସୋଲେଶନରେ ରହିଥିବା ବିନିକା ମେଡିକାଲ ସୂତ୍ରରୁ ପ୍ରକାଶ ।

### ଜୁନାଗଡ଼ରେ ଶଟ୍ ଡାଉନର ପ୍ରଭାବ

**ଜୁନାଗଡ,୧୭।୪(ଡି.ଏନ୍.ଏ.)**

କରୋନା ମହମାରୀର ଦ୍ୱିତୀୟ ଲହରୀ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ଛତିଶଗଡ ସୀମାବର୍ତ୍ତୀ ୧୦ଟି ଜିଲାର ସହରାଞ୍ଚଳରେ ସପ୍ତାହର ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ୧୦ଟି ଜିଲା ମଧ୍ୟରେ କଳାହାଣ୍ଡି ମଧ୍ୟ ରହିଛି। ଜିଲାର ଜୁନାଗଡ ସହରରେ ଶଟ୍‌ଡାଉନର ପ୍ରଭାବ ଦେଖିବାକୁ ମିଳିଛି। ଶନିବାର ଶଟ୍ ଡାଉନର ପ୍ରଥମ ଦିନରେ ଜୁନାଗଡ ସହରର ଜରୁରୀ ସେବା ଦୋକାନକୁ ଛାଡି ସମସ୍ତ ଦୋକାନ ବଜାର ବନ୍ଦ ହୋଇଥିଲା। ଏହାସହ ଯାନବାହାନ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଯାହାଫଳରେ ରାସ୍ତାଘାଟ ଜନଶୂନ୍ୟ ଦେଖିବାକୁ ମିଳିଥିଲା। ପୋଲିସ ବିଭିନ୍ନ ଛକରେ ମୁତୟନ ରହି ଯାଞ୍ଚକୁ କଡାକଡି କରୁଥିବା ବେଳେ ପିସିଆର ଭ୍ୟାନ ପାଟ୍ରୋଲିଂ କରିଥିଲା। ଜୁନାଗଡ ବ୍ଲକରେ ଶୁକ୍ରବାର ସୁଦ୍ଧା ୧୨୩ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଜଣାପଡିଛି ।

## କଳାହାଣ୍ଡିରେ ନାଇଟ୍ କର୍ଫ୍ୟୁ ସହ ସପ୍ତାହାନ୍ତ ଶଟ୍‌ଡାଉନ

**ଭବାନୀପାଟଣା,୧୭।୪ (ଡି.ଏନ.ଏ.)**

ପୁଣି ଫେରିଛି ନାଇଟ କର୍ଫ୍ୟୁ । ଛତିଶଗଡକୁ ଲାଗିଥିବା ୧୦ଟି ଜିଲାରେ ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ କର୍ଫ୍ୟୁ ଲାଗୁ କରାଯାଇଛି। ଏହାଛଡା ସହରାଞ୍ଚଳରେ ସପ୍ତାହାନ୍ତ ସଟଡାଉନ ଘୋଷଣା କରାଯାଇଛି। ପ୍ରତ୍ୟେକ ଶନିବାର ଓ ରବିବାର ସଟଡାଉନ ରହିବ। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାର ଭବାନୀପାଟଣା ସହ ଜୁନାଗଡ, ଧର୍ମଗଡ, କେସିଙ୍ଗାରେ ଶନିବାର ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। କଳାହାଣ୍ଡି ଏସ୍‌ପି ସ୍ଥିତି ଯାଞ୍ଚ କରିଛନ୍ତି। ସହରର ବିଭିନ୍ନ ଛକରେ ପୋଲିସ କର୍ମଚାରୀମାନେ ପାଟ୍ରୋଲିଂ କରିଥିବା ବେଳେ ମାଇକ୍ ଯୋଗେ କୋଭିଡ୍ ଗାଇଡଲାଇନ ମାନିବା, ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ଲୋକଙ୍କୁ ସଚେତନ କରିଥିବା ଦେଖିବାକୁ ମିଳିଥିଲା । ସେହିଭଳି ଅମାନିଆଙ୍କଠାରୁ ଫାଇନ ଆଦାୟ କରାଯାଇଛି । ତେବେ ଏହି ଦୁଇ ଦିନିଆ ସଟଡାଉନରେ ସମସ୍ତ ଜରୁରୀକାଳୀନ ସେବାକୁ କଟକଣାରୁ ବାଦ ଦିଆଯାଇଥିବା କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ଶ୍ରବଣା ବିବେକ ଏମ ପ୍ରକାଶ କରିଛନ୍ତି ।



ରାସ୍ତାଘାଟ ଶୁନଶାନ୍ ହୋଇପଡିଛି।

**ସ୍ଥିତି ଯାଞ୍ଚ କଲେ କଳାହାଣ୍ଡି ଏସ୍‌ପି**